


## ନାବାଳିକାଙ୍କୁ ଦୁର୍ବ୍ୟବହାର, ଜଣେ ଗିରଫ

**ଦିଗପହଣ୍ଡି,୨୭ ।୨(ସମିସ):** ଦିଗପହଣ୍ଡି ଥାନା ଅଧିନ ଏକ ଗାଁରେ ଘରେ ପଶି ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ତଦନ୍ତକାରୀ ପୋଲିସ ଅଧିକାରୀ ଏସ.ଆଇ ଜ୍ୟୋତି ରଞ୍ଜନ ବେହେରା ମଙ୍ଗଳବାର ମାମଲାର ମୁଖ୍ୟ ଅଭିଯୁକ୍ତ ଏସ.ମୁନା ରେଡ୍ଡୀଙ୍କୁ ଶିଶୁ ଯୌନ ନିର୍ଯ୍ୟାତନା ନିରୋଧ ଆଇନର ଧାରା -୧୨ ଅନୁଯାୟୀ ବ୍ରହ୍ମପୁର ପୋକ୍ସ କୋର୍ଟକୁ ଚାଲାଣ କରିଛି। ଅଭିଯୁକ୍ତ ଜଣକ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କ ପଡୋଶୀଙ୍କ ଘରେ କେହି ପୁରୁଷ ଲୋକ ନଥିବା ସୁଯୋଗ ନେଇ ଘରେ ପଶି ଗାଳି ଗୁଲଜ କରିବା ସହ ଘରର ମୂରବୀ ଜଣେ ମହିଳାଙ୍କୁ ଟଣାଓଟରା କରିବା ସହ ମାଡ଼ ମାରିଥିଲେ। ତାଙ୍କ ନାବାଳିକା ଝିଅ ଛଡ଼ାଇବାକୁ ଆସିବାରୁ ତାଙ୍କୁ ମଧ୍ୟ ଅଭିଯୁକ୍ତ ଗାଳି କରିଥିଲେ। ଖବର ପାଇ ଝିଅର ବାପା ଅଟୋ ଧରି ଘରକୁ ଆସିବାରୁ ଅଭିଯୁକ୍ତ ଓ ତାଙ୍କ ପରିବାର ଲୋକେ ଢେଲା ମାଡ଼ କରିଥିଲେ। ଏନେଇ ଏତଲା ହେବା ପରେ ପୁଲିସ ପକ୍ଷରୁ ମକଦ୍ଦମା ରୁଜୁ କରାଯାଇଥିଲା। ଅପରପକ୍ଷରେ ଥାନା ମାମଲା ନଂ. ୯୩/୨୪ ଅନୁଯାୟୀ ପୋଲିସ ପାଲଟା ମକଦ୍ଦମା ରୁଜୁ କରି ତଦନ୍ତ କରୁଛି।

### ପାରଳାଖେମୁଣ୍ଡି ବିଧାୟକଙ୍କ ଦଳ ବିରୋଧୀ କାର୍ଯ୍ୟ

## ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଫେରାଦ ହେଲେ କର୍ମୀ



**ପାରଳାଖେମୁଣ୍ଡି,୨୭ ।୨(ସମିସ):** ଗଜପତି ଜିଲ୍ଲା ବିଜେପି ସଭାପତି ତଥା ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓଙ୍କ ବିରୋଧରେ ରାଜ୍ୟ ନେତୃବୃନ୍ଦଙ୍କ ଠାରେ ଫେରାଦ ହୋଇଛନ୍ତି ବିଜେପିର କିଛି ନେତା ଓ କର୍ମୀ। ମଙ୍ଗଳବାର ଭୁବନେଶ୍ୱର ସ୍ଥିତ ବିଜେପି କାର୍ଯ୍ୟାଳୟରେ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ବିଜେପି କାର୍ଯ୍ୟକର୍ତ୍ତା ବିଧାୟକ ଶ୍ରୀ ରାଓଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ଜଣାପଡିଛି । ସେମାନେ ରାଜ୍ୟ ନେତୃବୃନ୍ଦଙ୍କୁ ଅବଗତ କରାଇଛନ୍ତି ଯେ, ଗତ ନିର୍ବାଚନରେ ନିର୍ବାଚିତ ହୋଇଥିବା ବିଧାୟକ କେ. ନାରାୟଣ ରାଓଙ୍କୁ ଜିଲ୍ଲା ସଭାପତି ପଦ ଭାର ଦିଆଯାଇଥିଲା । କିନ୍ତୁ ବିଧାୟକ ଶ୍ରୀ ରାଓ ଦଳକୁ ଛାଡି ନିଜ ସଂଗଠନକୁ ମଜଭୁତ କରିବାରେ ଲାଗିଛନ୍ତି। ଏଥିରେ ଦଳର ସଂଗଠନ ମଜଭୁତ ହୋଇପାରି ନାହିଁ ଏବଂ ତାହାର ପ୍ରଭାବ ଦଳ ଉପରେ ପଡ଼ିଛି । ବିଧାୟକଙ୍କ ଏହି ପ୍ରକାର ଦଳ ବିରୋଧୀ ଗତିବିଧିପାଇଁ ୨୦୧୯ ମସିହାରେ ତାଙ୍କୁ ବିଜୁ ଜନତା ଦଳରୁ ନିଲମ୍ବିତ କରାଯାଇଥିଲା । ବିଜେପିରେ ମିଶିବା ପରେ ମଧ୍ୟ ସେହି ପ୍ରକାର ଦଳ ବିରୋଧୀ କାର୍ଯ୍ୟକଳାପକୁ ଜାରି ରଖିଛନ୍ତି। ସେଥିପାଇଁ ବିଜେପି କର୍ମକର୍ତ୍ତା ଓ ପୁରୁଣା ନେତା ଶ୍ରୀ ରାଓଙ୍କ ପ୍ରତି ଖୁସି ନୁହନ୍ତି । ଯାହାର ଉଦାହରଣ ହେଲା ଗତ ମୁନିସିପାଲିଟି ନିର୍ବାଚନରେ ୧୬ ୱାର୍ଡରୁ ବିଜେପି ବିଧାୟକ ଥାଇ ମଧ୍ୟ ୨ଟି ୱାର୍ଡ ହାସଲ କରିଥିଲା । ପଞ୍ଚାୟତ ନିର୍ବାଚନରେ ମଧ୍ୟ ବିଧାୟକ କୌଣସି ପ୍ରକାର ସାଂଗଠନିକ କାର୍ଯ୍ୟକ୍ରମ କରିନାହାନ୍ତି। ବିଧାୟକ ଓଡ଼ିଆ ଲୋକ ଏବଂ ପଛୁଆ ବର୍ଗର ଲୋକଙ୍କୁ ଯେଉଁ ପ୍ରକାର ଅଣଦେଖା କରୁଛନ୍ତି ତା ଦ୍ୱାରା ଦଳର ଭୋଟ ସଂଖ୍ୟା କମିବାରେ ଲାଗିଛି । ଆଗାମୀ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ଦଳ ଉପରେ ଏହାର କୁପ୍ରଭାବ ପଡ଼ିବା ସମ୍ଭାବନା ରହିଛି। ଆଗାମୀ ନିର୍ବାଚନକୁ ନଜରରେ ରଖି ନୂଆ ମୁହଁକୁ ଦାୟିତ୍ୱ ଦେବାକୁ ଦାବି ସେମାନେ ଦାବି କରିଛନ୍ତି।

## ନିମଖଣ୍ଡି ଥାନା ଅଞ୍ଚଳରେ ସିରିଜ୍ ଚୋରି ଘଟଣା, ୩ ଗିରଫ



- ୭ଟି ବାଇକ୍ ଓ ଅନ୍ୟାନ୍ୟ ଚୋରି ସାମଗ୍ରୀ ଉଦ୍ଧାର
- ପୁଲିସ ସ୍କାନରରେ ସାଗର ଓ ଶିବ

**ବ୍ରହ୍ମପୁର,୨୭ ।୨(ସମିସ):** ନିମଖଣ୍ଡି ଥାନା ଅଞ୍ଚଳରେ ହୋଇଥିବା ସିରିଜ ଚୋରି ଘଟଣାରେ ପୁଲିସ ୩ଜଣ ପେଷାଦାର ଚୋରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଚୋରମାନେ ହେଲେ ବଡ଼ବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହିର ସନ୍ତୋଷ ସାହୁ ଓରଫ କମଲେଶ(୧୯), ଗୋପାଳପୁରଥାନା ଅନ୍ତର୍ଗତ ନାରାୟଣପୁର ଗ୍ରାମର ଶ୍ରୀଧର ବେହେରା(୨୧) । ଏହା ସହ ଜଣେ ନାବାଳକକୁ କାବୁ କରି ପୁଲିସ ଜେଜେବିରେ ହଜାର କରିଛି। ଏହି ଘଟଣାର ମାଷ୍ଟରମାଇଣ୍ଡ ସାଗର ମୁଳି ଓ ଶିବ ନାୟକ ଫେରାର ଥିବା ଜଣାପଡ଼ିଛି। ସାଗର ମୁଳିଙ୍କ ନାମରେ ଏକାଧିକ ଅପରାଧି ମାମଲା ରହିଛି। ବର୍ତ୍ତମାନ ସାଗରକୁ ଧରିବା ପାଇଁ ପୁଲିସ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଚଢାଉ ଜାରି ରଖିଛି। ପୁଲିସ ଗିରଫ ଅଭିଯୁକ୍ତଙ୍କ ନିକଟରୁ ୭ଟି ବାଇକ ସମେତ ଚକଲେଟ, ସିଗାରେଟ, ବିସ୍କୁଟ, ସାବୁନ, ସେଣ୍ଟ ଓ ପାନୀୟ ଜଳ ସମେତ ଅନ୍ୟାନ୍ୟ ଚୋରି ସାମଗ୍ରୀ ଉଦ୍ଧାର କରିଛି। ସୂଚନାଯୋଗ୍ୟ ଯେ, ଚଣ୍ଡିପଦର ନିବାସୀ ଶ୍ୟାମ କୁମାର ବରଡ଼ଙ୍କ ସ୍ଥାନୀୟ ଚଣ୍ଡିପଦର ଛକରେ ଗୋଟିଏ ବାଇକ ଗ୍ୟାରେଜ ରହିଛି। ଗତ ୨୨ତାରିଖ ରାତିରେ କେହି ଦୁର୍ବୃତ୍ତ ଉକ୍ତ ଗ୍ୟାରେଜର ତାଲା ଭାଙ୍ଗି ଦୁଇଟି ବାଇକ ଚୋରି କରି ନେଇଯାଇଥିଲେ। ଏନେଇ ଶ୍ୟାମ ନିମଖଣ୍ଡି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସେହିପରି କୋଣାର୍କ ନଗର କୁନିପାତ୍ରଙ୍କ ଦୋକନରୁ ଟଙ୍କା, ଚକେଲେଟ, ବିସ୍କୁଟ, ମିକ୍ସଚର ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। କୋଣାର୍କ ନଗର ପ୍ରଥମ ଲାଇନ ନିବାସୀ ଡି. ମନୋଜ ପ୍ରଧାନଙ୍କ ଦୋକାନରୁ ନଗଦ କିଛି ଟଙ୍କା ସହ ଆଇସକ୍ରିମ, ଚକଲେଟ, ସିଗାରେଟ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା। ନିମଖଣ୍ଡି ଅଞ୍ଚଳରୁ ବାଇକ ଚୋରି ହୋଇଥିବା ନେଇ ପ୍ରହଲ୍ଲାଦ ମହାନ୍ତି ଥାନାରେ ଅଭିଯୋଗ କରିଥିଲେ। ଗତ ୨୨ତାରିଖ ରାତିରେ ହିଁ ଉପରୋକ୍ତ ସମସ୍ତ ଦୋକାନରୁ ଅଭିଯୁକ୍ତମାନେ ଚୋରି କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏହି ସିରିଜି ଚୋରି ଘଟଣାର ପର୍ଦ୍ଦାଫାସ କରିବା ପାଇଁ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲା। ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁରର ସହାୟତା ନିଆଯାଇ ସମ୍ପୃକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ପୁଲିସ ଚୋରଙ୍କୁ ଚିହ୍ନଟ କରିଥିଲା। ପୁଲିସ ଏଯାବତ ୩ଜଣ ଚୋରଙ୍କୁ କାବୁ କରିବା ପରେ ବାଇକ ସମେତ ବିଭିନ୍ନ ସାମଗ୍ରୀ ଜବତ କରିଛି। ଏଥିରେ ଜଣେ ନାବାଳକ ଥିବା ପୁଲିସ ଏସଆଇ ଅଭିଷେକ ପାଣ୍ଡବ ସୂଚନା ଦେଇଛନ୍ତି। ବର୍ତ୍ତମାନ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୨ମୁଖ୍ୟ ଅଭିଯୁକ୍ତ ସାଗର ଓ ଶିବଙ୍କୁ ଧରିବା ପାଇଁ ପୁଲିସର ଚଢଉ ଜାରି ରହିଛି।

### ରଟିଙ୍ଗିଆ ପଞ୍ଚାୟତବାସୀଙ୍କ ବ୍ଲକ ଘେରାଉ

## ଦାବି ପୂରଣ ନହେଲେ ଭୋଟବର୍ଜନ ଚେତାବନୀ

**ଜି.ଉଦୟଗିରି,୨୭।୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ୍ ରଟିଙ୍ଗିଆ ସରପଞ୍ଚ ବିଷ୍ଣୁଦେବ ପ୍ରଧାନ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଏନ୍. ଲୁକ୍, କଂଗ୍ରେସ ବ୍ଲକ ସଭାପତି ସଦାନନ୍ଦ ନାୟକ ଓ ଅନ୍ତରଙ୍ଗ ଯୁବ ମହାସଂଘର ସମ୍ପାଦକ ହୃଷୀକେଶ ପ୍ରଧାନଙ୍କ ନେତୃତ୍ୱରେ ଅଞ୍ଚଳବାସୀ ତିନି ଦଫା ଦାବି ନେଇ ବ୍ଲକ୍ ଘେରାଉ କରିଥିଲେ। ୪ଜି ନେଟୱାର୍କ ସ୍ଥାପନ, ପାନୀୟ ଜଳ ବ୍ୟବସ୍ଥା ଓ ମୁଖ୍ୟ ସଡ଼କ ମରାମତି ଦାବି ନେଇ ସେମାନେ ବ୍ଲକ ଘେରାଉ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦୀର୍ଘ ବର୍ଷ ହେଲା ଏହି ଅଞ୍ଚଳରେ ୪ଜି ନେଟୱାର୍କ ନ ଥିବା ହେତୁ ସାଧାରଣ ବଣ୍ଟନ ବ୍ୟବସ୍ଥା, ଅନଲାଇନ୍ କାର୍ଯ୍ୟ ଓ ଅନ୍ୟାନ୍ୟ ଅନଲାଇନ୍ କାମରୁ ବଞ୍ଚିତ ହେଉଥିବା ପ୍ରକାଶ କରିଛନ୍ତି ପଞ୍ଚାୟତବାସୀ। ବସୁଧା ଯୋଜନାରେ ଟାଙ୍କି ନିର୍ମାଣ କରି ଗାଁରେ ପାଇପ ସଂଯୋଗ କରାଯାଇଥିଲେ ମଧ୍ୟ ପାଣି ମିଳୁନି । ଶ୍ରୀରାମପଦା ଠାରୁ ଭାୟା ରଟିଙ୍ଗିଆ ହୋଇ ଗ୍ରେସିଙ୍ଗିଆ ସଂଯୋଗ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଶୋଚନୀୟ ହୋଇପଡିବା କାରଣରୁ ଅସୁସ୍ଥ ଓ ଗର୍ଭବତୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏସମ୍ପର୍କରେ ଜନଶୁଣାଣିରେ ଜିଲ୍ଲାପାଳ ଓ ଲୋକ ପ୍ରତିନିଧିଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରା ନଯିବାରୁ ମଙ୍ଗଳବାର ବ୍ଲକ ଘୋରାଉ କରିଥିବା କହିଛନ୍ତି। ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଗ୍ରାମବାସୀ ବାହାରିଥିଲେ। ବନ୍ଧ ଛକଠାରୁ ବାହାରି ପଞ୍ଚାୟତ ସମିତି, ତହସିଲ କାର୍ଯ୍ୟାଳୟ ଓ ବିଏସଏନ୍ଏଲ୍ ଅଫିସରେ ଯାଇ ଦାବି ପ୍ରଦାନ ସହ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ସମାଧାନ ନ ହେଲେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଥିଲେ। ଅଞ୍ଚଳର କରାଳ ମଲ୍ଲିକ, ଜୟନନ୍ଦ ନାୟକ, ଅମିତ୍ ନାୟକ, ମିଳନ ନାୟକ, ଆଲଫାନ୍ସ, ନାୟକ, କିଶନ ନାୟକ, ମନ୍ଦାକିନୀ ନାୟକ, ସାବିତ୍ରୀ ପ୍ରଧାନ ଓ ବ୍ଲେଶି ପ୍ରଧାନ ସହଯୋଗ କରିଥିଲେ।




### ● ଜିଲ୍ଲା ଯୋଜନା କମିଟି ବୈଠକ

## ରାଜ୍ୟ ସରକାର ଗଜପତି ଜିଲ୍ଲା ପାଇଁ ସ୍ୱତନ୍ତ୍ର ଯୋଜନା କରିଛନ୍ତି: ମନ୍ତ୍ରୀ ଶ୍ରୀ ସାରକା

**ପାରଳାଖେମୁଣ୍ଡି,୨୭ ।୨(ସମିସ):** ପାରଳାଖେମୁଣ୍ଡି ସ୍ଥିତ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ସମ୍ମିଳନୀ କକ୍ଷରେ ଗଜପତି ଜିଲ୍ଲା ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଅନୁସୂଚିତ ଜାତି,ଜନଜାତି, ସଂଖ୍ୟାଲଘୁ , ପଛୁଆବର୍ଗ ବିକାଶ ଏବଂ ଆଇନ୍ ମନ୍ତ୍ରୀ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ସାରକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା କୁନ୍ତଳା ମଲ୍ଲିକ, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ. କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଡ଼.ଗୁଣନିଧି ନାୟକ ମଞ୍ଚାସୀନ ରହି ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ବିଷୟରେ ଆଲୋଚନା କରିଥିଲେ । ତାଙ୍କ ଦ୍ୱାରା କରାଯାଇଥିବା ଯୋଜନା ପ୍ରକଳ୍ପ ସ୍ଥାନ ପାଇ ନ ଥିବାରୁ ବୈଠକରେ ପାରଳା ବିଧାୟକ ଶ୍ରୀ ରାଓ କ୍ଷୁବ୍ଧ ହୋଇଥିଲେ । ପୂର୍ବରୁ ଏପରି କେବେ ବି ହୋଇ ନାହିଁ ବୋଲି କହିବା ସହ ବୈଠକ ଅଧାରୁ କକ୍ଷତ୍ୟାଗ କରି ଚାଲିଯାଇଥିଲେ । ସେହିପରି ମୋହନା ବିଧାୟକ ଶ୍ରୀ ଗମାଙ୍ଗ ବୈଠକ ଶେଷରେ ଯୋଗଦାନ କରି ସମାନ ଅଭିଯୋଗ କରିଥିଲେ । ବୈଠକରେ ମନ୍ତ୍ରୀ ଶ୍ରୀ ସାରକା ଜିଲ୍ଲାକୁ ପ୍ରଗତି ପଥରେ ଆଗେଇ ନେବାକୁ ହେଲେ ସମସ୍ତଙ୍କର ସହଯୋଗ ଦରକାର ବୋଲି ପ୍ରକାଶ କରିବା ସହିତ ରାଜ୍ୟ ସରକାର ଗଜପତି ଜିଲ୍ଲା ପାଇଁ ସ୍ୱତନ୍ତ୍ର ଯୋଜନା କରିଛନ୍ତି ବୋଲି ପ୍ରକାଶ କରିଥିଲେ । ଜିଲ୍ଲାରେ ବିଭିନ୍ନ ଯୋଜନା ଗୁଡ଼ିକର ସମାଧାନ ପାଇଁ ଯୋଜନା କରାଯାଉଛି। ତେବେ ବିଜୁ କନ୍ଧମାଳ ଓ ଗଜପତି ଯୋଜନା ୨୦୨୩ -୨୪ ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ ହୋଇଥିବା ବାର୍ଷିକ ଯୋଜନାକୁ ଅନୁମୋଦନ ପାଇଁ ସମସ୍ତଙ୍କର ପରାମର୍ଶ ଲୋଡିଥିଲେ। ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଡ଼.ନାୟକ ପାୱାର ପଏଣ୍ଟ ମାଧ୍ୟମରେ ଜିଲ୍ଲାର ଅଗ୍ରଣୀ କାର୍ଯ୍ୟକ୍ରମ, ଜିଲ୍ଲାର ସମସ୍ତ ବ୍ଲକର କାର୍ଯ୍ୟ, ଆର୍ଥିକ ବର୍ଷ ୨୦୨୩-୨୪ପାଇଁ ବିଭାଗର ଅଟକଳ ଉପରେ ତଥ୍ୟ ପ୍ରଦାନ କରିଥିଲେ। କୃଷି ଓ ଅନୁସଙ୍ଗିକ କାର୍ଯ୍ୟକ୍ରମ, ଗ୍ରାମ୍ୟ ଉନ୍ନୟନ, ବିଶେଷ ଆଞ୍ଚଳିକ କାର୍ଯ୍ୟକ୍ରମ, ଜଳ ସେଚନ ଓ ବନ୍ୟା ନିୟନ୍ତ୍ରଣ, ଶକ୍ତି ବିଭାଗ, ଶିଳ୍ପ ଓ ଖଣିଜ, ପରିବହନ, ବିଜ୍ଞାନ, ପରିବେଶ,ସାଧାରଣ ଆର୍ଥିକ ସେବା, ସାମାଜିକ ସେବା, ସେହିପରି ବିଜୁ କନ୍ଧମାଳ ଓ ଗଜପତି ଯୋଜନାରେ ସଡ଼କ,ବିଦ୍ୟୁତ ଓ ପାନୀୟ ଜଳ ସମ୍ପର୍କରେ ବୈଠକରେ ଆଲୋଚନା କରଯାଇଥିଲା । ଉକ୍ତ ବୈଠକରେ ଭାରପ୍ରାପ୍ତ ଜିଲ୍ଲା ଯୋଜନା ଅଧିକାରୀ ଭେଙ୍କଟ ରାଓ ଅଚାରୀଙ୍କ ସମେତ ସମସ୍ତ ଜିଲା ପରିଷଦ ସଭ୍ୟ ଓ ସଭ୍ୟା , ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଅଧ୍ୟକ୍ଷା ସମେତ ଜିଲ୍ଲା ଯୋଜନା କମିଟିର ସମସ୍ତ ସମସ୍ତ ସଭ୍ୟ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।




### ● କଳିଙ୍ଗା ଘାଟିରେ କାର-ବାଇକ୍ ମୁହାଁମୁହିଁ

## ଜଣେ ମୃତ, ଦୁଇ ଗୁରୁତର



**ଜି.ଉଦୟଗିରି,୨୭ ।୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟିରେ ମଙ୍ଗଳବାର ଅପରାହ୍ନରେ ବାଇକ ଓ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣକର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଥିଲେ। ବାଇକ ଦୁର୍ଗାପ୍ରସାଦ ଅଭିମୁଖେ ଯାଉଥିବା ବେଳେ ବିପରିତ ଦିଗରୁ ଟିକାବାଲି ଯାଉଥିବା ଏକ କାର ସହିତ ମୁହାଁମୁହିଁ ଧକ୍କା ହେଇଥିଲା। ଦୁର୍ଘଟଣାରେ କାର ଚାଳକ ଗୁରୁତର ଥିବାରୁ ତାଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କଳିଙ୍ଗାର ସମାଜସେବୀ ଆମନ ନାୟକ ଓ ସ୍ଥାନୀୟ ଲୋକେ ଆହତ ଦୁଇ ବାଇକ ଆରୋହୀଙ୍କୁ ଉଦ୍ଧାର କରି ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସ ଯୋଗେ ପଠାଇ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡା. ସ୍ୱରୂପ ସାହୁ ଜଣେ ବାଇକ ଆରୋହୀଙ୍କୁ ମୃତ ଘୋଷଣା କରିଥିଲେ। ସେମାନଙ୍କ ପରିଚୟ ଜଣାପଡିନାହିଁ। ଦୁର୍ଘଟଣା ସ୍ଥଳରେ ଜି.ଉଦୟଗିରି ପୁଲିସ ପହଞ୍ଚି ତଦନ୍ତ କରୁଛି।

## ଆନ୍ଧ୍ରରେ ଗଜପତି ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

**ପାରଳାଖେମୁଣ୍ଡି,୨୭ ।୨(ସମିସ):** ଗଜପତି ଜିଲ୍ଲା ଗୁରାଣ୍ଡି ଥାନା ଅନ୍ତର୍ଗତ ପାଟିକୋଟା ଗ୍ରାମର ନିଖୋଜ ମହିଳା ଏସ୍.ଦିବ୍ୟା (୩୫)ଙ୍କ ଗଳିତ ମୃତଦେହ ଆନ୍ଧ୍ର ପ୍ରଦେଶ ପୁରୁଣାପାଟଣା ଥାନା ଅନ୍ତର୍ଗତ ନୌତଳା ପାହାଡ ଜଙ୍ଗଲରୁ ଉଦ୍ଧାର ହୋଇଥିବା ଜଣାପଡିଛି । ଦିବ୍ୟା ଗତ ଛଅ ଦିନ ପୁରୁଣାପାଟଣାକୁ ଏକ ଭୋଜି କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ଯାଇ ନିଖୋଜ ହୋଇଯାଇଥିଲେ। ଏନେଇ ତାଙ୍କ ପରିବାର ବର୍ଗ ପୁରୁଣାପାଟଣା ଥାନା ସମେତ ଗୁରାଣ୍ଡି ଓ ପାରଳାଖେମୁଣ୍ଡି ଥାନାରେ ଲିଖିତ ଭାବେ ଜଣାଇଥିଲେ । ପୁରୁଣାପାଟଣା ପୁଲିସ ମଙ୍ଗଳବାର ନିଖୋଜ ମହିଳା ଜଣକଙ୍କ ମୃତ ଦେହ ଉଦ୍ଧାର କରିଥିବାର ଜଣାଯାଇଛି । ମହିଳା ଜଣଙ୍କୁ ହତ୍ୟା କରାଯାଇ ପାହାଡିଆ ଜଙ୍ଗଲରେ ଫୋପାଡି ଦିଆଯାଇଥିବା ସନ୍ଦେହ କରୁଛି ପୁରୁଣାପାଟଣା ପୁଲିସ ।ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ କଣ୍ଡ୍ରାଗଡ ଗ୍ରାମର ଜଣେ ଅଟୋଚାଳକକୁ ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ପୁରୁଣାପାଟଣା ପୁଲିସ ଅଟକ ରଖିଥିବା ସୂଚନା ମିଳିଛି ।

## ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଦାବିପତ୍ର

**ପାରଳାଖେମୁଣ୍ଡି,୨୭ ।୨(ସମିସ):** ଗଜପତି ଜିଲ୍ଲା ୧୦୮ ଆମ୍ବୁଲାନ୍ସ କର୍ମଚାରୀପାଞ୍ଚ ଦଫା ଦାବି ପୁରଣ ନିମନ୍ତେ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ୧୦୮ ଆମ୍ବୁଲାନ୍ସ ସେବାରେ ନିୟୋଜିତ କର୍ମଚାରୀ ତରଫରୁ ଗତ ଡିସେମ୍ବର ୨୦୨୩ରେ ୬ ଦାବି ରଖାଯାଇଥିଲା। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଦାବି ପୂରଣ କରି ୫ ହଜାର ଟଙ୍କା ଭତ୍ତା ବୃଦ୍ଧି କରାଯାଇଛି। ଏଥିସ୍ହ ଅନ୍ୟ ୫ଟି ଦାବି ଉପରେ ଦୃଷ୍ଟି ଦେବାକୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି। ବିଶେଷ କରି ୧୦୮ କର୍ମଚାରୀଙ୍କୁ ୧୨ ଘଣ୍ଟା କାମ କରିବାକୁ ପଡୁଥିବା ବେଳେ ୮ ଘଣ୍ଟାର ପାରିଶ୍ରମିକ ମିଳୁଛି ବୋଲି ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସଂଘର ରାଜ୍ୟ ସଭାପତି ଶୁଭନାଥ ଶର୍ମା ଏବଂ ଜିଲ୍ଲା ସଭାପତି କ୍ରୀଷ୍ଣା ନାୟକ କହିଛନ୍ତି । ପରିଶ୍ରମ ଅନୁପାତରେ ପ୍ରାପ୍ୟ ମିଳୁ ନ ଥିବା ନେଇ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଭେଟି କର୍ମକର୍ତ୍ତା ଜଣାଇଥିଲେ। ଅଧିକ ୪ ଘଣ୍ଟା କାମ ବାବଦକୁ ଅଧିକ ପାରିଶ୍ରମିକ ନଚେତ ୪ ଘଣ୍ଟା ବିଶ୍ରାମ ଦେବା ସମ୍ପର୍କରେ ସରକାରଙ୍କୁ ଅଗବତ କରିବେ, ନିଶ୍ଚିତ ଭାବେ ସମସ୍ୟାର ସମାଧାନ ରାଜ୍ୟ ସରକାର କରିବେ ବୋଲି ଜିଲ୍ଲା ଶ୍ରମ ଅଧିକାରୀ ଲୋକନାଥ ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ।

## ଆଶାକର୍ମୀ ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



**ବ୍ରହ୍ମପୁର,୨୭ ।୨(ସମିସ):** ସ୍ଥାନୀୟ ଭାରତୀୟ ମଜଦୁର ସଂଘ କାର୍ଯ୍ୟାଳୟଠାରେ ମଙ୍ଗଳବାର ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ୧୫ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ପ୍ରାୟ ୫୦ହଜାରରୁ ଅଧିକ ଆଶାକର୍ମୀମାନେ ବିଭିନ୍ନ ଦୁଃର୍ବିପାକ ସମୟରେ ମାଆ ଓ ଶିଶୁଙ୍କ ସେବା ଓ ଯନ୍ତ୍ର କରି ଆସିଛନ୍ତି। ହେଲେ ସେମାନଙ୍କ ଦାବିକୁ ଗୁରୁତ୍ୱ ଦିଆଯାଉନଥିବା ସଂଘ ପକ୍ଷରୁ ଏଠାରେ ଅଭିଯୋଗ ହୋଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରିବା, ଆଶାକର୍ମୀ ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା, ସରକାରୀ ମାନ୍ୟତା ପ୍ରଦାନ କରାନଯିବା ପର୍ଯ୍ୟନ୍ତ ମାସିକ ୧୮ ହଜାର ଟଙ୍କା ବେତନ ଦେବା, ଆଶାକର୍ମୀ ମାନଙ୍କୁ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି ଦେବା, ସାମାଜିକ ସୁରକ୍ଷା ଯୋଗାଇ ଦେବା, ଅବସର କାଳୀନ ସହାୟତା ୫ଲକ୍ଷ ଟଙ୍କା ସହ ମାସିକ ୫ହଜାର ଟଙ୍କା ପେନସନ ଯୋଗାଇ ଦେବା, କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁବରଣ କଲେ ୫ଲକ୍ଷ ଟଙ୍କାର ସହାୟତା ରାଶି ଦେବାସହ ପରିବାରର ଜଣକୁ ନିଯୁକ୍ତି ଦେବା ଆଦି ସଂଘ ପକ୍ଷରୁ ଏଠାରେ ଦାବି କରାଯାଇଛି। ଉକ୍ତ ଦାବି ଗୁଡ଼ିକ ତୁରନ୍ତ ପୂରଣ ନହେଲେ ଆଗାମୀ ଦିନରେ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବ ବୋଲି ଏଠାରେ ଚେତାବନୀ ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ସଂଘର ଜିଲ୍ଲା ସଭାନେତ୍ରୀ ରେଣୁବାଳା ସାହୁ, ସମ୍ପାଦିକା ବବିତା ରାଉତ, କୋଷାଧକ୍ଷା ସସ୍ମିତା ପାଢ଼ୀ, ଭାରତୀୟ ମଜଦୁର ସଂଘର ଉପସଭାପତି ତଥା ଜିଲ୍ଲା ଆଶା ସଂଯୋଜକ ମଧୁସୂଦନ ମହାପାତ୍ର, ଜିଲ୍ଲା ସଭାପତି ଡ ଭବାନୀ ଶଙ୍କର ଦାଶ, ଜିଲ୍ଲା ସମ୍ପାଦକ ଅର୍ଜୁନ କୁମାର ବେହେରା ଏବଂ ଜିଲ୍ଲା ପ୍ରଭାରୀ ଲିଙ୍ଗରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ନାବାଳିକା ଅପହରଣ ମାମଲାରେ ଯୁବକ ଗିରଫ

**ବ୍ରହ୍ମପୁର, ୨୭ ।୨(ସମିସ):** ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଦିଗପହଣ୍ଡି ଚାଅଁଡାପଲ୍ଲୀର ଦେବେନ୍ଦ୍ର ଗୌଡ(୨୩)ଙ୍କୁ ବଡ଼ବଜାର ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ଗତ ୨୧ତାରିଖରେ ବଡବଜାର ଥାନା ଅଞ୍ଚଳର ଜଣେ ନାବାଳିକା ଘରୋଇ ଟ୍ୟୁସନ ଯାଇ ଆଉ ଘରକୁ ଫେରିନଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରି ସୁରାକ ନ ପାଇବାରୁ ଥାନାରେ ନିଖୋଜ ଅଭିଯୋଗ କରାଯାଇଥିଲେ । ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଦିଗପହଣ୍ଡିର ଦେବେନ୍ଦ୍ର ଗୌଡ଼ ଉକ୍ତ ନାବାଳିକାଙ୍କୁ ଅନ୍ୟଜଣଙ୍କ ଘରେ ରଖିଥିବା ପୁଲିସ ଜାଣିବାକୁ ପାଇଥିଲା । ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରି ଦେବେନ୍ଦ୍ରକୁ କାବୁ କରିଥିଲା । ମଙ୍ଗଳବାର ଦେବେନ୍ଦ୍ରକୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସୌଭାଗ୍ୟ ସ୍ୱାଇଁ କହିଛନ୍ତି ।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବିକ୍ଷୋଭ

**ବ୍ରହ୍ମପୁର, ୨୭ ।୨(ସମିସ):** ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସମ୍ମୁଖରେ ମଙ୍ଗଳବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିଗତ କିଛିବର୍ଷ ଧରି ବିଭିନ୍ନ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଘଟଣା ସାମ୍ନାକୁ ଆସୁଛି । ଗତ ୨୩ତାରିଖ ମୟୂରଭଞ୍ଜ ଏବଂ କେଉଁଝର ଜିଲ୍ଲାରେ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ପୂର୍ବରୁ ଇଂରାଜୀ ବିଷୟର ପ୍ରଶ୍ନପତ୍ର ଏବଂ ୨୬ତାରିଖରେ ଗଣିତ ପ୍ରଶ୍ନପତ୍ର ସାମାଜିକ ଗଣମାଧ୍ୟମ ଘୁରି ବୁଲୁଥିବା ପରିଷଦ ପକ୍ଷରୁ ଅଭିଯୋଗ ହୋଇଛି । ଏଣୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଗଞ୍ଜାମ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆଗାମୀ ଦିନରେ ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ବିଦ୍ୟାର୍ଥୀ ପରିଷଦ ଆନ୍ଦୋଳନ ଜାରି ରଖିବ ବୋଲି ବିଭାଗ ସଂଯୋଜକ ଅନିଲ ସ୍ୱାଇଁ କହିଛନ୍ତି । ବିକ୍ଷୋଭ ପ୍ରଦର୍ଶନରେ ଏବିଭିପିର ରାଜ୍ୟ ଗଣମାଧ୍ୟମ ସଂଯୋଜକ ବିଶ୍ୱଜିତ ପାତ୍ର, ବିଭାଗ ସଂଗଠନ ସମ୍ପାଦକ ଟୁକୁନା ମଲିକ, ରାଜ୍ୟ ସାମାଜିକ ଗାଣମାଧ୍ୟମ ସହ ସଂଯୋଜକ ସୁନୀଲ ଦୋରା, ଗଞ୍ଜାମ ଜିଲ୍ଲା ସହ ସଂଯୋଜକ ଆୟୁଷ ରଥ, କାର୍ଯ୍ୟାଳୟ ସମ୍ପାଦକ ଅଜୟ ଦାସ, ବିଭାଗ ଏସଏଫଏସ କିରନ ସେଠୀ, ଯଶୋବନ୍ତ ମଲିକ, ସନତ ପ୍ରଧାନଙ୍କ ସମେତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।

### ସ୍ପୋର୍ଟସ କମ୍ପ୍ଲେକ୍ସ ଓ ବୃହତ୍ ଭାରୋତ୍ତଳନ ଏକାଡେମୀ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ଐତିହ୍ୟକୁ ଉଜ୍ଜୀବିତ କଲା ବ୍ରହ୍ମପୁର ଷ୍ଟାଡିୟମ







**ବ୍ରହ୍ମପୁର, ୨୭ ।୨(ସମିସ)**

କ୍ରୀଡ଼ାର ବିକାଶ ଲାଗି ରାଜ୍ୟ ସରକାର ବଦ୍ଧ ପରିକର । ଯୁବାଶକ୍ତିଙ୍କୁ ଆଗକୁ ନେବାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ସଫଳ ରୂପାୟନ ହେଉଛି । ଏହିକ୍ରମରେ ରାଜ୍ୟର କ୍ରିଡ଼ାବିତ ଓ ଯୁବଶକ୍ତିଙ୍କ ଲାଗି କ୍ରୀଡ଼ାକ୍ଷେତ୍ରରେ ଯଥେଷ୍ଟ ବିକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ । ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଆଭାସୀ ମାଧ୍ୟମରେ ବ୍ରହ୍ମପୁର ସ୍ପୋର୍ଟସ କମ୍ପ୍ଲେକ୍ସ ଓ ବୃହତ୍ ଭାରୋତ୍ତଳନ ଏକାଡ଼େମୀ ଉଦାଘଟିତ ହୋଇଛି । ଏ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱାଧିନତା ଆନ୍ଦୋଳନ ସମୟରେ ଗାନ୍ଧିଜୀଙ୍କ ଏହି ସ୍ଥାନ ଗସ୍ତକୁ ସ୍ମରଣ କରି ବ୍ରହ୍ମପୁର ଷ୍ଟାଡିୟମକୁ ମହାତ୍ମା ଗାନ୍ଧୀ କ୍ରିକେଟ୍ ଷ୍ଟାଡିୟମ ନାମରେ ନାମିତ କରାଯିବ ବୋଲି ସେ ଘୋଷଣା କରିଛନ୍ତି । ଶୀତଳାପଲ୍ଲୀଠାରେ ଏକ ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟସ୍ କମ୍ପ୍ଲେକ୍ସ ବିକଶିତ ହେବ । ଯେଉଁଥିରେ ଆଥଲେଟିକ୍ସ, ଫୁଟବଲ ପାଇଁ ସୁବିଧା ଅନ୍ତର୍ଭୁକ୍ତ ହେବ । ଏହି ଅଞ୍ଚଳର କ୍ରୀଡ଼ାବିତ୍‌ଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କ୍ରିକେଟ୍, ଇନଡୋର ଷ୍ଟାଡିୟମ୍ ଇତ୍ୟାଦି ନିର୍ମାଣ କରାଯିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସେହିଭଳି ମୁଖ୍ୟମନ୍ତ୍ରୀ ୨୦୦ ସିଟ୍ ବିଶିଷ୍ଟ ହଷ୍ଟେଲ ସହିତ ଗଞ୍ଜାମ ଭାରୋତ୍ତଳନ ଏକାଡେମୀକୁ ଉଦଘାଟନ କରିଛନ୍ତି । ଏହାକୁ ଦେଶର ସର୍ବବୃହତ ଭାରୋତ୍ତଳନ ତାଲିମ ସୁବିଧା ଭାବରେ ପରିଗଣିତ କରିଥିଲେ । ସେ କହିଛନ୍ତି ଯେ, ଗଞ୍ଜାମରେ ଭାରୋତ୍ତୋଳନର ଲୋକପ୍ରିୟତାର ଏହା ପ୍ରତୀକ ହେବ । ଏଥିଦ୍ୱାରା ରାଜ୍ୟର ଓ ଗଞ୍ଜାମ ଜିଲ୍ଲାର ଯୁବାବର୍ଗ ସେମାନଙ୍କ ପରକାଷ୍ଠା ଦେଖାଇବାରେ ସକ୍ଷମ ହେବେ ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ରାଜ୍ୟ ସରକାର ଏବଂ ଓସିଏ ଦ୍ୱାରା କ୍ରିକେଟ୍ ଉପରେ ଧ୍ୟାନ ଦିଆଯିବ । ଆଗାମୀ ବର୍ଷରେ ରାଜ୍ୟରୁ ଚାମ୍ପିଅନ ସୃଷ୍ଟି ଲାଗି ଏକ ଭଲ ଇକୋ ସିଷ୍ଟମ ସୃଷ୍ଟି କରିବାରେ ସହାୟକ ହେବ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଯୁବ ସଶକ୍ତିକରଣକୁ ସକ୍ଷମ କରିବା ପାଇଁ ସରକାରଙ୍କ ପାଇଁ କ୍ରୀଡା ଏକ ପ୍ରାଥମିକ କ୍ଷେତ୍ର । ବର୍ତ୍ତମାନ ଓଡ଼ିଶା ଦେଶରେ କ୍ରୀଡା ପାଇଁ ଏକ ପ୍ରମୁଖ ଗନ୍ତବ୍ୟ ସ୍ଥାନ ଭାବରେ ମାନ୍ୟତା ପାଇଛି । ସୃଷ୍ଟି ହୋଇଥିବା ସମସ୍ତ କ୍ରୀଡା ଭିତ୍ତିଭୂମି ଏବଂ ତାଲିମ ସୁବିଧା ଅଧିକ ପିଲାମାନଙ୍କୁ କ୍ରୀଡା ପ୍ରତି ଆକର୍ଷିତ କରିବ ବୋଲି ସେ ଆଶା କରିଥିଲେ । ମୁଖ୍ୟମନ୍ତ୍ରୀ ଆଜି ବ୍ରହ୍ମପୁର ଷ୍ଟାଡ଼ିୟମ ଉଦଘାଟନ କରି ଗଞ୍ଜାମ ସମେତ ରାଜ୍ୟର ଯୁବାଶକ୍ତିଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି । ଏଅବସରରେ ବ୍ରହ୍ମପୁର ଷ୍ଟାଡ଼ିୟମ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ ଯୋଗଦେଇ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଓ ବ୍ରହ୍ମପୁର ବାସୀଙ୍କୁ କ୍ରୀଡ଼ା କ୍ଷେତ୍ରରେ ଉପହାର ଦେଇଛନ୍ତି । ବହୁବର୍ଷ ଧରି ବ୍ରହ୍ମପୁର ଷ୍ଟାଡ଼ିୟମକୁ ଏକ ଭବ୍ୟ ରୂପରେ ଦେଖିବାକୁ ଆଶା କରୁଥିଲୁ । ତାହା ଆଜି ପୂରଣ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଆଜି ବ୍ରହ୍ମପୁର ଷ୍ଟାଡ଼ିୟମ ପୂର୍ଣ୍ଣାଙ୍ଗ ରୂପ ପାଇଛି । ମହାତ୍ମାଗାନ୍ଧୀ ୧୯୨୧ମସିହାରେ ଏଠାକୁ ଆସିଥିଲେ । ଏଣୁ ଏହି ଷ୍ଟାଡ଼ିୟମ ମହାତ୍ମାଗାନ୍ଧୀଙ୍କ ନାମରେ ନାମିତ କରିବାକୁ ଅନୁରୋଧ କରାଯାଇଥିଲା । ଆସନ୍ତା ଦିନରେ ଶୀତଳାପଲ୍ଲୀଠାରେ ବିରାଟର ସ୍ପର୍ଟସ କମ୍ପ୍ଲେସ ହେବାକୁ ଯାଉଛି । ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି । ସେହିଭଳି ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ବିଧାୟକ ବିକ୍ରମ କୁମାର ପଣ୍ଡା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କୁ ଯେତେ ଧନ୍ୟବାଦ ଦେଲେ ମଧ କମ୍ ହେବ । ବ୍ରହ୍ମପୁର ଷ୍ଟାଡ଼ିୟମ କେବଳ ଯେ, ଏକ ଭବ୍ୟ ରୂପ ପାଇଛି ତାହା ନୁହେଁ ବରଂ ଏହା ବ୍ରହ୍ମପୁର ସହିତ ଗାନ୍ଧିଜୀଙ୍କ ଇତିହାକୁ ଉଜ୍ଜୀବିତ କରିଛି । ବ୍ରହ୍ମପୁର ସହରକୁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି । ବ୍ରହ୍ମପୁର ଷ୍ଟାଡ଼ିୟମ ପରିସରରେ ଥିବା ସମସ୍ତ ଉପକ୍ଷେତ୍ରଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଆଜି ଶୁଭାରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି । ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରଉତ୍ତୋଳକାରୀ ତଥା କ୍ରିଡ଼ାବିତ କେ ରବି କୁମାର କହିଛନ୍ତି ଯେ, ଗଞ୍ଜାମ ଓ ଓଡ଼ିଶାର ସ୍ୱପ୍ନ ପୂରଣ ହୋଇଛି । ଭାରତ ସର୍ବବୃହତ୍ ଭାରଉତ୍ତୋଳନ ଏକାଡ଼େମୀ ବ୍ରହ୍ମପୁରରେ ଉଦ୍‌ଘାଟନ ହୋଇଛି । ଏଠାରେ ୩୧ ପ୍ଲାଟଫର୍ମ ରହିଛି ।

ଏହା ଗର୍ବର ବିଷୟ । ଓଡ଼ିଶା ଓ ଭାରତ ପାଇଁ କିଛି କରିବାର ସ୍ୱପ୍ନ ଦେଖିଥିବା ପ୍ରତ୍ୟେକ ଯୁବପିଢିଙ୍କ ସ୍ୱପ୍ନ ସାକାର କରିବା ଦିଗରେ ଏହା ବିଶେଷ ସହାୟକ ହେବ । ଏଥିରେ ୨୦୦ବେଡ଼ ବିଶିଷ୍ଟ ହଷ୍ଟେଲ ମଧ ନିର୍ମିତ ହୋଇଛି ବୋଲି ସେ କହିଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ଉପଜିଲ୍ଲାପାଳ ଧିନା ଦସ୍ତଗୀର, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡ୍ଡୀ, ବରିଷ୍ଠ ନେତା ଭଗବାନ ଗନ୍ତାୟତଙ୍କ ସମେତ ବହୁ କର୍ପୋରେଟର, କ୍ରିଡ଼ାବିତ, ବିଭିନ୍ନ ସ୍ପୋର୍ଟସ କ୍ଲବ ଓ ଯୁବଶକ୍ତି ଉପସ୍ଥିତ ଥିଲେ ।

- **ଶୀତଳାପଲ୍ଲୀରେ ହେବ ବୃହତ୍ ସ୍ପୋର୍ଟସ୍ କମ୍ପ୍ଲେକ୍ସ**
- **ମହାତ୍ମା ଗାନ୍ଧୀଙ୍କ ନାମରେ ହେବ ବ୍ରହ୍ମପୁର ଷ୍ଟାଡିୟମ୍**

## ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଏସ୍‌ପିଙ୍କ ସମୀକ୍ଷା ବୈଠକ




**ବ୍ରହ୍ମପୁର, ୨୭ ।୨(ସମିସ):** ଆସନ୍ତା ମାର୍ଚ୍ଚ ପହିଲାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୫ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗ ଦେବାର କାଯ୍ୟକ୍ରମ ଚୂଡାନ୍ତ ହୋଇଛି । ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ଟା ୪୫ମିନିଟ ଠାରୁ ସାଢେ ୧୧ଟା ପର୍ଯ୍ୟନ୍ତ ମାତ୍ର ୪୫ମିନିଟର ରହିଛି । ଏଥିପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି । ସେପଟେ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ । ଏଥିପାଇଁ ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଶ୍ୱବିଦ୍ୟାଳୟର ଉପ କୁଳସଚିବ ବାପୁଜୀ ସାମଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଅଗ୍ନିଶମ ବିଭାଗ ଅଧିକାରୀ, ସ୍ୱାସ୍ଥ୍ୟବିଭାଗ ଅଧିକାରୀ, ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକାରୀ, ବିଦ୍ୟୁତ ବିଭାଗ ଅଧିକାରୀ ଓ ପୁଲିସ ଗୁଇନ୍ଦା ବିଭାଗ ଏହିଭଳି ବିଭିନ୍ନ ବିଭାଗର ୨୦ରୁ୨୫ଜଣ ଅଧିକାରୀ ଉପସ୍ଥିତ ଥିଲେ । ରାଷ୍ଟ୍ରପତିଙ୍କ ଗସ୍ତକାଳ ସମେତ ପୂର୍ବ ଓ ପରବର୍ତ୍ତି ସମୟର ସୁରକ୍ଷା ବ୍ୟବସ୍ଥା କିଭଳି କଡାକଡି ରହିବା ସହିତ ଶୃଙ୍ଖଳିତ ରହିବ ସେଥିପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା । ପରେ ଏସପି ଓ ଅନ୍ୟ ପଦାଧିକାରୀମାନେ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ ଓ ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟ ବା ସମାବର୍ତ୍ତନ ଉତ୍ସବ ସ୍ଥଳ ଆଦି ସମସ୍ତ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ । ମିଳିଥିବା ସୂଚନା ପ୍ରକାରେ ମହାମହିମ ରାଷ୍ଟ୍ରପତିଙ୍କୁ ବିମାନବନ୍ଦରରେ ସ୍ୱାଗତ ଓ ଉତ୍ସବ ପରେ ବିଦାୟ ଦେବାପାଇଁ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ଉପସ୍ଥିତ ରହିବାକୁ ଅନୁମତି ମିଳିଛି । ସେଥିରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସଚୀ ନାୟକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ଗୀତାଞ୍ଜଳୀ ଦାଶ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଦକ୍ଷିଣାଞ୍ଚଳ ପୁଲିସ ଆଇଜି ଜୟନାରାୟଣ ପଙ୍କଜ ଓ ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମଙ୍କ ନାମ ସାମିଲ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ।

- **ମାର୍ଚ୍ଚ ପହିଲାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୫ତମ ସମାବର୍ତ୍ତନ ଉତ୍ସବ**
- **ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରଠାରୁ ରାଷ୍ଟ୍ରପତିଙ୍କ ପ୍ରଥମ ଗସ୍ତ**

## ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘର ଶୋକସଭା

**ବ୍ରହ୍ମପୁର, ୨୭ ।୨(ସମିସ):** ସ୍ଥାନୀୟ ସୁବାରାଓ ଛକ ନିକଟରେ ଥିବା ସଂଘ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସଂଘର କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସୁପ୍ରସିଦ୍ଧ ଗଜଲ୍ ଗାୟକ ପଦ୍ମଶ୍ରୀ ପଙ୍କଜ ଉଧାସଙ୍କ କର୍କଟ ରୋଗ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ସେହିପରି ଦୁର୍ଘଟଣା ଜନିତ ତିନି ମଞ୍ଚ ଅଭିନେତ୍ରୀ ଜ୍ୟୋତ୍ସ୍ନାରାଣୀ ପରମାଣିକ, ବେବିରାଣୀ ଦାଶ ଓ ଟେଲି ଧାରାବାହିକ ଅଭିନେତ୍ରୀ ରାଜଲକ୍ଷ୍ମୀ ରାଉତଙ୍କ ଅକାଳ ବିୟୋଗରେ ମହାସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ପ୍ରାରମ୍ଭିକ ସୂଚନା ଦେବାପରେ ସ୍ୱର୍ଗତ କଳାକାର ମାନଙ୍କ ଅମର ଆତ୍ମାର ସତଗତି କାମନା କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଦେବେନ୍ଦ୍ର ପ୍ରସାଦ ଶର୍ମା, ବରିଷ୍ଠ କଳାକାର ଶେଖର ସ୍ୱାମୀ ଏବଂ ସୁନାମଧନ୍ୟ ମଞ୍ଚ ଅଭିନେତା ହିମାଂଶୁ ଶେଖର ବେହେରା ଦିବଙ୍ଗତ କଳାକାରମାନଙ୍କ ସ୍ମୃତି ଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ କୁମାର ସାହୁ, ଜି. କାମରାଜୁ ପାତ୍ର, ମହେନ୍ଦ୍ର କୁମାର ସାହୁ, ବଳଦେବ ସାହୁ, ସୁଦାମ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ୧୦୦ ମିଶନ ଶକ୍ତି ଗ୍ରୁପ୍‌କୁ ସୁଧ ଫେରସ୍ତ



**ବ୍ରହ୍ମପୁର, ୨୭ ।୨(ସମିସ)**

ସ୍ଥାନୀୟ ଡ଼ାଇମଣ୍ଡ ଜୁବୁଲୀ ଟାଉନ ହଲ ପରିସରରେ ମିଶନ ଶକ୍ତି ଗ୍ରୁପକୁ ସୁଧ ଫେରସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡ଼େପୁଟି ମେୟର ଇ ବିବେକ ରେଡ଼ୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ସମ୍ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଓଡ଼ିଶାର ମହିଳା ମାନେ ସ୍ୱାବଲମ୍ବୀ ହୋଇପାରୁଛନ୍ତି । ମିଶନ ଶକ୍ତି ଏହାର ପ୍ରମୁଖ ମାଧ୍ୟମ ସାଜିଛି । ମିଶନ ଶକ୍ତି ସଦସ୍ୟାଙ୍କ ଲାଗି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଣୋଦିତ ବିଭିନ୍ନ ଯୋଜନା ଦ୍ୱାରା ମା'ମାନେ ନୂତନ ରାହା ପାଉଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏ ଅବସରରେ ଅତିଥିଙ୍କ ଦ୍ୱାରା ବ୍ରହ୍ମପୁର ମହାନଗର ନିଗମର ସମୁଦାୟ ୧୦୦ମିଶନ ଶକ୍ତି ଗ୍ରୁପକୁ ଆଜି ସୁଦ୍ଧ ଫେରସ୍ତ କରାଯାଇଛି । ଏଥିଦ୍ୱାରା ଏକ ହଜାର ମହିଳା ଉପକୃତ ହେବେ । ଆଗାମୀ ଦିନରେ ମଧ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଜଣାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସିଡ଼ିପିଓ -୧ କ୍ରିଷ୍ଣା କୁମାରୀ ନନ୍ଦ, ସିଡ଼ିପିଓ-୨ କଳ୍ପନାରାଣୀ ପାଢ଼ୀଙ୍କ ସମେତ ବିଭିନ୍ନ ୱାର୍ଡ଼ର କର୍ପୋରେଟରମାନେ ଉପସ୍ଥିତ ଥିଲେ ।

### ବିଜୁ ଜନତା ଦଳ ପକ୍ଷରୁ ସ୍ୱାଗତ ପର୍ବ

# ମୁଖ୍ୟମନ୍ତ୍ରୀଙ୍କ ଟେକ ରଖିବାକୁ ସଂକଳ୍ପ ନେଲେ ନୂଆ ସଦସ୍ୟ

**ବ୍ରହ୍ମପୁର, ୨୭ ।୨(ସମିସ)**

ବ୍ରହ୍ମପୁର ମହାନଗର ନିଗମ ବିଜୁ ଜନତା ଦଳ ପକ୍ଷରୁ ସ୍ୱାଗତ ପର୍ବ ଅନୁଷ୍ଠିତ ହୋଇଯାଇଛି । ବିଏମସିର ୪ଜଣ ବିଜେପି କର୍ପୋରେଟର ଔପଚାରିକ ଭାବେ ସୋମବାର ବିଜୁ ଜନତା ଦଳରେ ସାମିଲ ହୋଇଥିଲେ । ମଙ୍ଗଳବାର ସେମାନଙ୍କୁ ଦଳ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି । ଏନେଇ ସ୍ଥାନୀୟ ବଙ୍ଗାଳୀ ସାହି ସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଜେଡି ବ୍ରହ୍ମପୁର ମହାନଗର ନିଗମ ସଭାପତି ବିଜୟ ସାମଲଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡ଼ି ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡ଼େପୁଟି ମେୟର ଇ. ବିବେକ ରେଡ୍ଡୀ, କାଜୁ ନିଗମ ଅଧକ୍ଷ ସୁବାଷ ମହାରଣା, ଅର୍ବାନ କପୋରେଟିଭ ସୋସାଇଟି ବ୍ୟାଙ୍କ ସଭାପତି ଆର୍ ମୂରଲୀ ମୋହନଙ୍କ ସମେତ ଅନ୍ୟ ନେତା ଓ ଜନ ପ୍ରତିନିଧି ଉପସ୍ଥିତ ରହି ଦଳରେ ସାମିଲ ହୋଇଥିବା ନୂତନ ସଦସ୍ୟଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଅନ୍ୟପକ୍ଷରେ କର୍ପୋରେଟରଙ୍କ ବହୁ ସମର୍ଥକ ମଧ ମଙ୍ଗଳବାର ବିଜୁ ଜନତା ଦଳରେ ସାମିଲ ହୋଇଥିଲେ । ଦଳରେ ଯୋଗ ଦେଇଥିବା ସମସ୍ତଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ସମସ୍ତେ ମିଳିମିଶି ଦଳ ପାଇଁ କାମ କରି ମୁଖ୍ୟମନ୍ତ୍ରୀ ଓ ବିଜୁ ଜନତା ଦଳର ଟେକ ରଖିବାକୁ '୫-ଟି' ଅଧକ୍ଷ ଭି କାର୍ତ୍ତିକ ପାଣ୍ଡିଆନ ପରାମର୍ଶ ଦେଇଥିବା ନେଇ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ସମସ୍ତଙ୍କୁ କହିଥିଲେ । ଏହାକୁ ମାନି ସମସ୍ତେ ଅଞ୍ଚଳର ବିକାଶର ଧାରାକୁ ଆଗେଇ ନେବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ଦିଗରେ କାର୍ଯ୍ୟ କରନ୍ତୁ ବୋଲି ବ୍ରହ୍ମପୁର ସାଂସଦ ଶ୍ରୀ ସାହୁ ଏଠାରେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

ସେହିଭଳି ବିଧାୟକ ଶ୍ରୀପଣ୍ଡା ନୂତନ ସଦସ୍ୟଙ୍କୁ ଦଳକୁ ସ୍ୱାଗତ କରିବା ସହ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରଖି ସହରର ବିକାଶ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଅଞ୍ଚଳର ବିକାଶ ଲାଗି ସମସ୍ତେ କାର୍ଯ୍ୟ କରି ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନାକୁ ବାସ୍ତବ ରୂପ ଦେବାରେ ସହାୟକ ହୁଅନ୍ତୁ ବୋଲି କହିଥିଲେ ମେୟର ସଂଘମିତ୍ରା ଦଳେଇ । ଏହି ଅବସରରେ ବିଜେପି ଦଳ ପରିତ୍ୟାଗ କରି ବିଜୁ ଜନତା ଦଳରେ ସାମିଲ ହୋଇଥିବା କର୍ପୋରେଟର ପ୍ରଦୀପ କୁମାର ଶତପଥୀ, ଡ଼ି କରୁଣାକର, ନୀଳକଣ୍ଠ ସାହୁ ଓ ରଞ୍ଜିତା ବେହେରା କହିଛନ୍ତି ଯେ, ଗଞ୍ଜାମ ଜିଲ୍ଲା ବିଜେପିର ପଦାଧିକାରୀଙ୍କ ଦ୍ୱାରା ସେମାନେ ଅବହେଳିତ ଓ ପ୍ରତାରିତ ହୋଇ ଆସୁଥିଲେ । ସେପଟେ ଚାକିରୀ ଆଶାୟୀ ଯୁବକଙ୍କ ଠାରୁ ଚାକିରୀ କରାଇଦେବା ନାଁରେ ଠକି ଜେଲ ଯାଇଥିବା ପ୍ରଦୀପ ପାଣିଗ୍ରାହୀଙ୍କ ଭଳି ଜଣେ ଜନବିରୋଧୀ ନେତାଙ୍କୁ ବିଜେପି କୋଳେଇ ନେଲା । ଯାହାକୁ ନେଇ ସମସ୍ତେ ବିଜେପି ଦଳକୁ ପରିତ୍ୟାଗ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ରାଜ୍ୟର ଦ୍ରୁତ ବିକାଶକୁ ପାଥେୟ କରି ବିଜୁ ଜନତା ଦଳରେ ସାମିଲ ହୋଇଥିବା ସେମାନେ କହିଛନ୍ତି । ସୂଚନା ପ୍ରକାରେ ବ୍ରହ୍ମପୁର ମହାନଗର ନିଗମର ୪ଜଣ ବିଜେପି କର୍ପୋରେଟର ନିଜ ଦଳରୁ ଇସ୍ତଫା ଦେଇଥିଲେ । ସୋମବାର ଏହି ଚାରି କର୍ପୋରେଟର ଭୁବେନେଶ୍ୱର ଯାଇ ଶଙ୍ଖ ଭବନରେ ବିଜେଡ଼ିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଓ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡ଼ିରେ ସାମିଲ ହୋଇଥିଲେ । ବିଜେଡ଼ିରେ ସାମିଲ ହେବା ପରେ '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ମଧ ସାକ୍ଷାତ କରିଥିଲେ । ବ୍ରହ୍ମପୁରକୁ ଆସିବା ପରେ ପୁଣି ଜିଲ୍ଲା ବିଜେଡ଼ି ସଭାପତିଙ୍କ ନେତୃତ୍ୱରେ ଏକ ସ୍ୱାଗତ ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ସ୍ୱାଗତ ପର୍ବରେ ୨୧ନମ୍ବର ୱାର୍ଡ଼ କର୍ପୋରେଟର ଡ଼ି. କରୁଣାକର, ୨୨ନମ୍ବର ୱାର୍ଡ଼ କର୍ପୋରେଟର ପ୍ରଦୀପ ଶତପଥି, ୨୭ନମ୍ବର ୱାର୍ଡ଼ କର୍ପୋରେଟର ନୀଳକଣ୍ଠ ସାହୁ ଓ ୨୦ନମ୍ବର ୱାର୍ଡ଼ କର୍ପୋରେଟର ରଞ୍ଜିତା ବେହେରାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯିବା ସହିତ ତାଙ୍କ ଶହ ଶହ ସମର୍ଥକ ମାନେ ବିଜେଡ଼ିରେ ସାମିଲ ହୋଇଥିଲେ । ଏମାନଙ୍କ ଯୋଗଦାନରେ ବିଜୁ ଜନତା ଦଳ ବ୍ରହ୍ମପୁର ସହରରେ ଆହୁରି ମଜବୁତ ହେବ ବୋଲି ଏଠାରେ ଦଳ ପକ୍ଷରୁ କୁହାଯାଇଛି । କାର୍ଯ୍ୟକ୍ରମରେ ବିଜେଡିର ବହୁ କର୍ପୋରେଟର, ନେତା ଓ କର୍ମୀ ଉପସ୍ଥିତ ଥିଲେ ।



- **ବିଜେଡିରେ ସାମିଲ ହେଲେ କର୍ପୋରେଟରଙ୍କ ସମର୍ଥକ**
- **ଜନବିରୋଧୀ ନେତାଙ୍କୁ କୋଳେଇ ହରଡ଼ଘଣାରେ ବିଜେପି**

## ବଡ଼ଧରଣର ଡକାୟତି ଯୋଜନା ପଣ୍ଡ

**ବ୍ରହ୍ମପୁର, ୨୭ ।୨(ସମିସ):** ହରିଡାଖଣ୍ଡି ଅଞ୍ଚଳରେ ଡକାୟତି ପାଇଁ ଯୋଜନା କରୁଥିବା ୩ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ବଡବଜାର ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅପରାଧୀମାନେ ହେଲେ ବ୍ରହ୍ମପୁର ଗ୍ରାମଦେବତୀ ସାହିର ଅମିତ ନାୟକ ଓରଫ ରାଜା(୨୧), ଖାଜାସାହିର ସେଖ ଅସିଫ(୨୧) ଓ ଉତ୍ତରାମୁଖୀ ଅଞ୍ଚଳର ରାମ ପାତ୍ର(୨୧) । ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୨ଟି ଜୀବନ୍ତ ବୋମା, ୨ଟି ଖଣ୍ଡା, ଟର୍ଚ୍ଚ ଲାଇଟ, ମୁଖା ଓ ସିଗାରେଟ ଆଦି ଜବତ କରିଥିବା ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି । ଏହି ମାମଲାରେ ସୁରି ସ୍ୱାଇଁ, ବାପୁନୀ ନାୟକ ଓ ସତ୍ୟବାନ ଦାସ ଓରଫ 'ନାକା' ଫେରାର ଥିବା ଜଣାପଡ଼ିଛି । ଖୁବଶୀଘ୍ର ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ତଦନ୍ତଅଧିକାରୀ ରଞ୍ଜିତ କୁମାର ଦାସ ଦୃଢୋକ୍ତି ପ୍ରକାଶ କରିଛନ୍ତି । ସୂଚନା ପ୍ରକାରେ, ଗତ ସୋମବାର ରାତି ସାଢେ ୧୦ଟା ସମୟରେ ବଡବଜାର ଥାନା ପୁଲିସ ପକ୍ଷରୁ ପେଟ୍ରୋଲିଂ ଜାରି ରହିଥିଲା । ଏହି ସମୟରେ ହରିଡାଖଣ୍ଡି ବିଲ କାଲୁଆ ମନ୍ଦିର ନିକଟସ୍ଥ ଏକ ନିଛାଟିଆ ସ୍ଥାନରେ ୬ଜଣ ଯୁବକ ଏକତ୍ରିତ ହୋଇ ଡକାୟତି ଯୋଜନା କରୁଥିବା ପୁଲିସ ସୂଚନା ପାଇଥିଲା । ସେହିକ୍ରମରେ ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ରଞ୍ଜିତ କୁମାର ଦାସ ଓ ତାଙ୍କ ପୁଲିସ ଟିମ ଉକ୍ତ ସ୍ଥାନରେ ଅଚାନକ ଚଢଉ କରିଥିଲେ । ଚଢଉ ବେଳେ ଘଟଣାସ୍ଥଳରୁ ୩ଜଣ ଯୁବକ ଫେରାର ହେବାରେ ସକ୍ଷମ ହୋଇଥିବା ବେଳେ ଉପରୋକ୍ତ ୩ଜଣ ଅଭିଯୁକ୍ତଙ୍କୁ ପୁଲିସ କାବୁ କରିଥିଲା । ଏବଂ ଘଟଣାସ୍ଥଳରୁ ବୋମା ଓ ଖଣ୍ଡା ଜବତ ହୋଇଥିଲା । ପଚରା ଉଚରା ବେଳେ ସେମାନେ ଏକତ୍ରିତ ହୋଇ ନିକଟସ୍ଥ ଅଞ୍ଚଳରେ ଡକାୟତି ଯୋଜନା କରୁଥିଲେ ବୋଲି ପୁଲିସ ନିକଟରେ ସ୍ୱୀକାର କରିଥିଲେ । ଅଭିଯୁକ୍ତ ରାମ ପାତ୍ର ନାମରେ ପୂର୍ବରୁ ୬ରୁ ଅଧିକ ସଙ୍ଗୀନ ମାମଲା ରହିଥିବା ବେଳେ ସେଖ ଅସିଫ ନାଁରେ ୨ରୁ ଅଧିକ ଅପରାଧିକ ମାମଲା ରହିଛି । ସେହିପରି ରାଜା ନାମରେ ୪ରୁ ଅଧିକ ମାମଲା ରହିଛି । ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି ।

- **୩ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ, ୨ଟି ଜୀବନ୍ତ ବୋମା ଓ ୨ଟି ଖଣ୍ଡା ଜବତ**
- **ପୁଲିସ ସ୍କାନରରେ ଫେରାର ଅଭିଯୁକ୍ତ ସୁରି, ବାପୁନୀ ଓ ନାକା**



# ଟ୍ରକ ଧକ୍କାରେ ଅଟୋ ଭାଙ୍ଗିଲା; ଜଣେ ମୃତ

## ୫ ଗୁରୁତର

ଦିଗପହଣ୍ଡି,୨୭ ।୨(ସମିସ) ଦିଗପହଣ୍ଡି-ଆସିକା ମୁଖ୍ୟରାସ୍ତାର ରାଜପୁର ଗ୍ରାମ ଛକ ନିକଟରେ ମଙ୍ଗଳବାର ଭୋର ପ୍ରାୟ ୫ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ପ୍ଲାଷ୍ଟିକ ପାଇପ ବୋଝେଇ ଟ୍ରକନଂ(ଓଡି୦୫ ବି ଏଫ୍ -୮୯୨୯) ଧକ୍କାରେ ଏକ ଯାତ୍ରୀବାହୀ ଅଟୋନଂ(ଓଆର୦୭ଏକ୍ସ-୯୦୯୩) ସମ୍ପୂର୍ଣ୍ଣ ଚୁର ମାର ହୋଇଯାଇଛି। ଅଟୋରେ ଥିବା କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ଥାନା କଟିନିକୁଣ୍ଡ ଗ୍ରାମର ରାମ ପରଜା, ଫୁଲମତି ପରଜା, ରାମନାଥ ପରଜା, କୁନି ପରଜା, ବୁଟ ପାଣି ଗ୍ରାମର ପୁରନ୍ଦର ଷଣ୍ଢ ଏବଂ ପାଟପୁର ଥାନା ସାହାସପୁର ଗ୍ରାମର ଅଟୋ ଚାଳକ ରମେଶ ଚନ୍ଦ୍ର ସାହୁ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଆହତଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାମନାଥ ପରଜାଙ୍କ ମୃତ୍ୟୁ ଘଟିଥିଲା। ପାଟପୁର ନିକଟ ଏକ ଇଟାଭାଟିରେ କାମ କରିବାକୁ ଶ୍ରମିକ ମାନେ ଯାଉଥିବା ବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଟ୍ରକଟି ଅଟୋକୁ ଧକ୍କା ଦେଇଥିଲା। ପୁଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ଏବଂ ଅଟୋକୁ ଜବତ କରି ମକଦ୍ଦମା ରୁଜୁ କରିଛି। ବ୍ରହ୍ମପୁର ବଡ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



# ରଙ୍ଗେଇଲୁଣ୍ଡାରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ



ରଙ୍ଗେଇଲୁଣ୍ଡା,୨୭ ।୨(ସମିସ): ମଙ୍ଗଳବାର ରଙ୍ଗେଇଲୁଣ୍ଡା ବ୍ଲକ ପରିସରରେ ଲକ୍ଷ୍ମୀ ବସକୁ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ସବୁଜ ପତକା ଦେଖାଇ ଶୁଭ ଆରମ୍ଭ କରିଥିଲେ। ଏହି ବସ୍ ଦୁଇଟି କନିସି, ରଣ୍ଡା, ଗୋଳନ୍ଥରା, ଭାଲିଆଗଡ଼, ମାଣିକପୁର, କୋଠାରସିଂ, ମନ୍ତ୍ରୀଡ଼ି, ହରଡ଼ଙ୍ଗ, ଶାସନପଦର, ପାରାପେଣ୍ଟ, ଜଗନ୍ନାଥପୁର, ମେଣ୍ଟ୍ରାଜପୁର, ଏକସିଂ ଓ ବିଶ୍ୱନାଥପୁର ରାସ୍ତା ଦେଇ ଯାତାୟାତ କରିବ। ବର୍ତ୍ତମାନ ଦୁଇଟି ବସ ଆରମ୍ଭ ହୋଇଥିବା ବେଳେ ପର୍ଯ୍ୟାୟ କ୍ରମେ ୭ଟି ବସ ଯାତାୟାତ କରିବ। ବସରେ ବିଧାୟକ ପଣ୍ଡା, ରଙ୍ଗେଇଲୁଣ୍ଡା ବିଡ଼ିଓ ଅଂଶୁମାନ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ସିଏଚ ଉଷା ରାଣୀ, ଜିଲ୍ଲା ପରିଷଦ ଉପସଭାପତି ଏସ ରାଜେଶ୍ୱରୀ ଦୋରା, ବ୍ଲକ ଉପାଧ୍ୟକ୍ଷା ଅନିତା ମହାଙ୍କୁଡ଼, ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ସାଂସଦ ପ୍ରତିନିଧି ଅଜିତ କୁମାର ଦାଶ, ସରପଞ୍ଚ, ସମିତି ସଭ୍ୟ ମିଶନ ଶକ୍ତିର ମା'ମାନେ ଯାତ୍ରା କରିଥିଲେ। ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ, ସରପଞ୍ଚ ଦଣ୍ଡପାଣି ବେହେରା, ପ୍ରଶାନ୍ତ ଦାସ, ବିଷ୍ଣୁପ୍ରିୟା ନାୟକ, ଅଜୟ ଦାଶ, ପ୍ରବୀଣ କୁମାର, ଜୟ ସାହୁ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।

### ■ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ କଲେ ପରିବାର ଲୋକେ

**କବିସୂର୍ଯ୍ୟନଗର,୨୭ ।୨(ସମିସ):** ଘର ପାଖ ଚାଷ ଜମିରୁ ବୃଦ୍ଧର ମୃତଦେହ ଉଦ୍ଧାର ହୋଇଛି। ତେବେ ତାଙ୍କୁ ହତ୍ୟା କରାଯାଇଛି ବୋଲି ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକଙ୍କ ପୁତୁରା ନିଲୁ ପ୍ରଧାନଙ୍କ ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଅନୈତିକ ସମ୍ପର୍କରୁ ଏଭଳି ଘଟଣା ଘଟିଛି ବୋଲି କୁହାଯାଉଥିବାବେଳେ ପୁଲିସ ଏହାକୁ ଖଣ୍ଡନ କରିଛି। କବିସୂର୍ଯ୍ୟନଗର ଥାନା ଦେଓଗାଁ ନିକଟରେ ଏକ ଚାଷ ଜମିରେ ମଙ୍ଗଳବାର ସକାଳେ ଜଣେ ବୃଦ୍ଧଙ୍କ ମୃତଦେହ ପଡିଥିବାର ଦେଖିବାକୁ ମିଳିଛି। ମୃତକହେଲେ ଦେଓଗାଁ ଗ୍ରାମର ରମାକାନ୍ତ ପ୍ରଧାନ। ସୋମବାର ରାତି ୯ଟାରେ ରମାକାନ୍ତ ଶୌଚ ହେବାକୁ ପାଖ ବିଲକୁ ଯାଇ ଫେରି ନ ଥିଲେ। ଘର ଲୋକ ବହୁ ଖୋଜାଖୋଜି କରି ପାଇନଥିଲେ। ତେବେ ବୁଧବାର ସକାଳେ ଚାଷ ଜମିରୁ ମୃତଦେହ ପଡ଼ିଥିବା ଜଣାପଡିଥିଲା। ଆଇଆଇସି ସୁଧୀର କୁମାର ସାହୁ ଓ ଟିମ ପହଞ୍ଚି ବିଭିନ୍ନ ଦିଗକୁ ବିଚାର କରି ତଦନ୍ତ କରିଥିଲେ। ତେବେ ରମାକାନ୍ତଙ୍କ ଭାଇ ସୁରେନ୍ଦ୍ର ପ୍ରଧାନ ତାଙ୍କୁ ହତ୍ୟା କରି ଫୋପାଡ଼ି ଦେଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ।

# ବିଇଡି କଲେଜରେ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ

**ଭଞ୍ଜନଗର,୨୭ ।୨(ସମିସ):** ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡିବି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରାଜ କହଁର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଇଡି କଲେଜ ଅଧ୍ୟକ୍ଷ ପ୍ରଫେସର ଡ଼. ବିମଳ ଚରଣ ସ୍ୱାଇଁ, ସହକାରୀ ପ୍ରଫେସର ଡ଼. ଦିଲ୍ଲୀପ କୁମାର ଖୁଣ୍ଟିଆ, ପ୍ରକାଶ କୁମାର ସାହୁ, ଶ୍ରୀହର୍ଷ ବାଲା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଚାରକ ଭାବେ ଯୁବି ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମାକାନ୍ତ ନାହାକ, ଏସପି ହାଇସ୍କୁଲ ବିଜ୍ଞାନ ଶିକ୍ଷୟିତ୍ରୀ ରଞ୍ଜିତା କୁମାରୀ ଗୌଡ଼, ବିଜ୍ଞାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ, କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଏସକେ ପାଢ଼ୀ ଯୋଗ ଦେଇ ବିଇଡି କଲେଜ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ଜ୍ଞାନ କୌଶଳ ପ୍ରୟୋଗ କରି ଆବଶ୍ୟକୀୟ ସାମଗ୍ରୀ ଓ ରଙ୍ଗର ବ୍ୟବହାରରେ ପ୍ରସ୍ତୁତ ୯୦ଟି ଉପାଦେୟ ପ୍ରକଳ୍ପ ବୁଲି ଦେଖିଥିଲେ। ସେଥି ମଧ୍ୟରୁ ଶ୍ରେଷ୍ଠ ୭ଟି ପ୍ରକଳ୍ପକୁ ମନୋନୀତ କରାଯାଇଛି। ଏସମସ୍ତ ପ୍ରକଳ୍ପର ପ୍ରସ୍ତୁତକର୍ତ୍ତାଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ମାନେ ସହଯୋଗ କରିଥିଲେ।



### ରକ୍ତଦାନ ଶିବିର

# ୧୦୮ ୟୁନିଟ୍ ରକ୍ତ ସଂଗୃହୀତ

**ସାନଖେମୁଣ୍ଡି,୨୭ ।୨(ସମିସ):** ସାନଖେମୁଣ୍ଡି ବ୍ଲକ ପୋଡ଼ାମାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଜ୍ଞାନ ଉଚ୍ଚ ମାଧ୍ୟମିକବିଦ୍ୟାଳୟ ଅଧ୍ୟକ୍ଷ ଇ ପ୍ରଦୀପ କୁମାର ପାତ୍ର ଉଦଘାଟନ କରିଥିଲେ। ନୂଆଁ ଓ ସଂଯୋଜିକା ଅଧ୍ୟାପିକା ସୁମିତ୍ରା ଦେବୀ, ଅଧ୍ୟାପିକା ରଞ୍ଜିତା ପ୍ରଧାନ ଏବଂ ଅଧ୍ୟାପକ ଅଶୋକ କୁମାର ଶତପଥୀଙ୍କ ମିଳିତ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଓକିଲ ଚନ୍ଦ୍ରଧ୍ୱଜ ସିଂ ଉପସ୍ଥିତ ଥିଲେ। ଶିବିରରେ ୧୦୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଓକିଲ ଚନ୍ଦ୍ରଧ୍ୱଜ ସିଂ, ଡି କେଦାର ପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ତ୍ରିପାଠୀ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

# ବେଠିଆବୋରଦା ସ୍କୁଲର ବାର୍ଷିକୋତ୍ସବ

**ବୁଗୁଡ଼ା,୨୭ ।୨(ସମିସ):** ବୁଗୁଡ଼ା ବ୍ଲକର ବେଠିଆବୋରଦା ଗ୍ରାମସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ରବୀନ୍ଦ୍ର ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀଶଙ୍କର ମିଶ୍ର, ମୁଖ୍ୟବକ୍ତା ଭାବେ ଭଞ୍ଜ ସାହିତ୍ୟ ଗବେଷକ କାମରାଜୁ ସାହାଣୀ, ସମ୍ମାନିତ ଅତିଥି ଭାବେ ଏବିଇଓ ଅମିତା କୁମାରୀ ପାଢୀ, ସିଆରସିସି ମାନସ ରଞ୍ଜନ ସେଠୀ, ପ୍ରଧାନ ଶିକ୍ଷକ ସିମାଞ୍ଚଳ ସେଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବରାମ ଜେନା ଓ ଶିକ୍ଷକ ନିରଞ୍ଜନ ଖାଡ଼ଙ୍ଗା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ସୀତାରାମ ତ୍ରିପାଠୀ ଅତିଥି ପରିଚୟ ଏବଂ ଶିକ୍ଷକ ନିଳାଦ୍ରୀ ବିହାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ମିଶନ ଶକ୍ତି ସୁଧ ଫେରସ୍ତ ମେଳା



ପାତ୍ରପୁର



ଭଞ୍ଜନଗର



ଦିଗପହଣ୍ଡି



ଛତ୍ରପୁର



ଗଞ୍ଜାମ



ସୋରଡା

**ପାତ୍ରପୁର,୨୭ ।୨(ସମିସ):** ପାତ୍ରପୁର ପଞ୍ଚାୟତ ସମିତି ପରିସରରେ ମିଶନ ଶକ୍ତି ସୁଧ ଫେରସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ମହିଳା ଗୋଷ୍ଠୀଙ୍କୁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ, ୟୁନିଫର୍ମ ଓ ବ୍ଲେଜର ସହାୟତାର ବାର୍ତ୍ତା ଦିଆଯାଇଥିଲା। ପାତ୍ରପୁର ବିଡିଓ ସୁମନ ସୁଦ୍ଧା କୁଣ୍ଡୁ, ଏବିଡିଓ ବିଜୟ କୁମାର ପ୍ରଧାନ, ଶିଶୁବିକାଶ ଅଧିକାରୀ ସ୍ୱର୍ଣ୍ଣପ୍ରଭା ଦାଶ, ଯନ୍ତ୍ରୀ ଅର୍ପଣ କୁମାର ପୂଜାରୀ, ଦେବାଶିଷ ପ୍ରଧାନ, ସମସ୍ତ ଅଞ୍ଚଳ ପରିଦର୍ଶିକା, ବିପିସି/ବପିମ ସାଇଦତ୍ତ ବେହେରା ପ୍ରମୁଖ ଯୋଗଦେଇ ବିଭିନ୍ନ ବ୍ୟାଙ୍କ ଶାଖା ପରିଚାଳକ ଓ ସାମ୍ବାଦିକ ମାନଙ୍କୁ ସମ୍ମାନିତ କରିଥିଲେ। ବ୍ଲକସ୍ତରୀୟ ମହାସଂଘର ସମସ୍ତ ସଦସ୍ୟା, ବିଭିନ ପଞ୍ଚାୟତ ଏମ୍‌ବିକେ, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, କୃଷି ମିତ୍ର, ସିଆର୍‌ପି-ସିମ ଉପସ୍ଥିତ ଥିଲେ ମିଶନ ଶକ୍ତି ଏସଏଚଜିଙ୍କୁ ସୁଧ ଫେରସ୍ତ ଚେକ୍ ବିତରଣ କରାଯାଇଥିଲା। ୮ଟି ବ୍ୟାଙ୍କ୍ ମିତ୍ର ମାନଙ୍କୁ ଲାପଟପ ବଣ୍ଟନ କରାଯାଇଥିଲା। ବିପିସ ସାଇଦତ୍ତ ବେହେରା ଧନ୍ୟବାଦ ଜଣାଇଥିଲେ।

**ଛତ୍ରପୁର:** ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଛତ୍ରପୁର ବ୍ଲକସ୍ତରୀୟ ମିଶନ ଶକ୍ତି ଏସଏଚଜିକୁ "ସୁଧ ଫେରସ୍ତ ମେଳା' କାର୍ଯ୍ୟକ୍ରମ ବିଡିଓ ସୁଶାନ୍ତ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସୁବାଷ ଚନ୍ଦ୍ର ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ମିଶନ ଶକ୍ତିର ମା'ମାନଙ୍କୁ ସଶକ୍ତ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି, ବିନା ସୁଧରେ ମିଳିବ ୧୦ ଲକ୍ଷ ଟଙ୍କା ଯାଏଁ ଋଣ, ୟୁନିଫର୍ମ ପାଇଁ ମିଶନ ଶକ୍ତି ର ସଭ୍ୟା ଓ ବ୍ଲେଜର ବାବଦରେ ଶକ୍ତି -ଲିଡରଙ୍କୁ ଆର୍ଥିକ ସହାୟତା ବିଷୟରେ ବିଧାୟକ ଶ୍ରୀ ବେହେରା କହିଥିଲେ। ସମ୍ମାନିତ ଅତିଥି ଭାବେ ଛତ୍ରପୁର ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ, ଉପାଧ୍ୟକ୍ଷା ଏସ ଶାରଦା ରେଡ୍ଡୀ, ସିଡିପିଓ ପ୍ରଣମିତା ପଣ୍ଡା, ଜିଲ୍ଲାପରିଷଦ ସଭ୍ୟା ରଶ୍ମିତା ନାହାକ, ଲକ୍ଷ୍ମୀପୁର ସରପଞ୍ଚ ଝୁଲି ନାହାକ, ଶ୍ରୀରାମଚନ୍ଦ୍ରପୁର ସମିତି ସଭ୍ୟ ଏସ.ଚକ୍ରପାଣି ରେଡ୍ଡୀ, ପୋଟଲାମପୁର ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ମିଶନ ଶକ୍ତିର ବିପିସି ସନାତନ ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଓଡିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ସଂଯୋଜିକା ମାନିନୀ ଜେନା ସଂଯୋଜନା କରିଥିଲେ। ଏହି ଅବସରରେ ୯୮୪ଟି ଗ୍ରୁପକୁ ୮୦ଲକ୍ଷ ଟଙ୍କାର ସୁଧ ଫେରସ୍ତ ରାଶି ପ୍ରଦାନ କରାଯାଇଛି। ସେହିପରି ଛତ୍ରପୁର ବ୍ଲକର ୨୧୧୭ ଗ୍ରୁପର ୨୩ହଜାର ୨୮୦ଜଣମିଶନ ଶକ୍ତି ସଭ୍ୟାଙ୍କୁ ୟୁନିଫର୍ମ ବାବଦରେ ଏବଂ୨୪୦ଜଣ ମିଶନ ଶକ୍ତି ଲିଡର ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ।

**ଦିଗପହଣ୍ଡି:** ମଙ୍ଗଳବାର ଦିଗପହଣ୍ଡି ବ୍ଲକର ୪୦୨ଟି ଏସଏଚଜିଙ୍କୁ ୧୬ ଲକ୍ଷ ୮୩ ହଜାର ଟଙ୍କା ଫେରସ୍ତ କରାଯାଇଥିବା ଜଣାପଡିଛି। ମିଶନ ଶକ୍ତି ବ୍ଲକ ସଂଯୋଜକ ଅଜୟ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଡ. ଚିତ୍ତରଞ୍ଜନ ଦାସ, ବ୍ଲକ ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ, ସିଡିପିଓ ପୁଷ୍ପାଞ୍ଜଳି ଶତପଥି ଏବଂ ଆଇନଜୀବୀ ହରପ୍ରସାଦ ରଥ ଅତିଥି ଭାବେ ଯୋଗ ଦେଇଥିଲେ। ଅଧିକ ସୁଧ ଫେରସ୍ତ ପାଇଥିବା ୫୦ଟି ଏସଏଚଜିଙ୍କୁ ଅତିଥି ବୃନ୍ଦ ସମ୍ମାନିତ କରିଥିଲେ। ଏଥିରେ ସରପଞ୍ଚ ପ୍ରତିନିଧି ବି. କ୍ରିଷ୍ଣାରାଓ ସୁବୁଦ୍ଧି, ପ୍ରଶାନ୍ତ କୁମାର ପ୍ରଧାନ, ଶିଶିର କୁମାର ଜେନା, ରବିଚନ୍ଦ୍ର ଗୌଡ଼, ସରପଞ୍ଚ ବିଜୟ କୁମାର ପ୍ରଧାନ, ବି.ଲିଙ୍ଗରାଜ ଦୋରା ପ୍ରମୁଖ ଉପସ୍ଥିତ ଥିବା ବେଳେ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ନିଖିଳ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

**ଭଞ୍ଜନଗର:** ସ୍ଥାନୀୟ ବିଡେକା ପଡ଼ିଆରେ ସୁଧ ଫେରସ୍ତ ମେଳା ଅନୁଷ୍ଠିତ ହୋଇଯାଇଛି।ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ସମ୍ମାନିତ ଅତିଥି ରୂପେ ବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ, ସିଡ଼ିପିଓ କେ. ଉଷା ଲକ୍ଷ୍ମୀ, ମିଶନ ଶକ୍ତି ବିପିସି ପୁଷ୍ପାଞ୍ଜଳି ନାହାକ, ବିପିଏମ ସମୀର କୁମାର ପାଢୀ, ଲାଲସିଙ୍ଗ ସରପଞ୍ଚ ଶିବରାମ ସାହୁ, ଜିଲୁଣ୍ଡି ସରପଞ୍ଚ ରଞ୍ଜିତ କୁମାର ଆରୁଖ, ମୁଜାଗଡ଼ ସରପଞ୍ଚ ସୁକାନ୍ତି ସେଠୀ ଉପସ୍ଥିତ ଥିଲେ। ଶୂଳପାଣି ଶତପଥୀ ସଂଯୋଜନା କରିଥିଲେ। ଭଞ୍ଜନଗର ବ୍ଲକ ଛକରେ ଓ ୨୧ଟି ପଞ୍ଚାୟତରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ମିଶନ ଶକ୍ତି ଗୃହ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖାଙ୍କ ଦ୍ୱାରା ଉଦଘାଟିତ ହୋଇସାରିଛି। ଯେଉଁ ମହିଳା ଗୋଷ୍ଠୀମାନେ ବ୍ୟାଙ୍କରୁ ଋଣ ନେଇ ଠିକ ସମୟରେ ଋଣ ପରିଶୋଧ କରିଛନ୍ତି ସେମାନଙ୍କୁ ଏହି ଆର୍ଥିକ ସୁବିଧା ଦିଆଯାଇଛି। ଭଞ୍ଜନଗର ବ୍ଲକରେ ମୋଟ ୬୧୨ ମହିଳା ଗୋଷ୍ଠୀକୁ ମୋଟ ୪୮,୯୭୪୫୩ଟଙ୍କା ପ୍ରଥମ ପର୍ଯ୍ୟାୟରେ ସୁଧ ଫେରସ୍ତ ବାବଦରେ ପ୍ରଦାନ କରାଯାଇଛି। ବର୍ତ୍ତମାନ ସେମାନେ ଏସଏଚଜିରୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗୀରେ ୩୦୮ଟି ଦଳ ଭଞ୍ଜନଗର ବ୍ଲକରେ ସାମିଲ ହୋଇଛନ୍ତି। ଏଥିରେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ଆଇସିଡିଏସ ଓ ବ୍ଲକ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

**ସୋରଡା:** ସୋରଡା ବ୍ଲକର ବିଭିନ୍ନ ମହିଳା ଗୋଷ୍ଠୀଙ୍କୁୟ୧୪୦ କୋଟି ଋଣ ବଣ୍ଟନ ଦ୍ୱାରା ୨ ଲକ୍ଷ ୬୫ ହଜାର ସୁଧ ବାବଦରେ ଅର୍ଥ ମିଳିଛି। କାର୍ଯ୍ୟକ୍ରମରେ ବିଡିଓ ବିଜୟ କୁମାର ପ୍ରଧାନଙ୍କ ସହିତ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଏନ୍ ଏ ସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା, ଆସ୍କା ସମବାୟ ବ୍ୟାଙ୍କ ସୋରଡ଼ା ନିର୍ଦ୍ଦେଶକ ବସନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ସମରେନ୍ଦ୍ର କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ସାଇବାଣୀ ମଲିକ, ଉପାଧ୍ୟକ୍ଷ ଅମୂଲ୍ୟ କୁମାର ସାହୁ ପ୍ରମୁଖ ସହିତ ମିଶନ ଶକ୍ତି ବ୍ଲକ ସଂଯୋଜକ ସଦାଶିବ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ମହାଙ୍କୁଡ, ମହିଳା ଓ ଶିଶୁ ବିକାଶ ଅଧିକାରୀ ସରୋଜିନୀ ବେହେରା ବ୍ୟଙ୍କ ଶାଖା ପରିଚାଳକ ଗଣ ଆଦି ଅଭାସି ମାଧମରେ ଯୋଡି ହୋଇଥିଲେ। ଏହି ଅବସରରେ ଭଲ ପ୍ରଦର୍ଶନ କରିଥିବା ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ମୟାଙ୍ଗି, ଶ୍ରୀରାମପଲ୍ଲୀ, ଖାରିଗୁଡା,ଏସ ଗୁଣ୍ଡିରିବାଡ଼ି, ମେରିକୋଟରେ ବସୁଧା ଯୋଜନାରେ ଜଳ ଯୋଗାଣ ପ୍ରକଳ୍ପର ଉଦଘାଟନ ହୋଇଥିଲା। ଲାଠିପଡା,କୁଲାଙ୍ଗୀ, ସରାବାଡି,ବଡ଼ଗଡ଼ ପଞ୍ଚାୟତରେ ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା।

**ଗଞ୍ଜାମ:** ଗଞ୍ଜାମ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ବ୍ଲକସ୍ତରୀୟ ମିଶନ ଶକ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ବିଡିଓ ବସନ୍ତ କୁମାର ମଲ୍ଲିକ, ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶାଶ୍ୱତ କୁମାର ସାହୁ, ସିଡିପିଓ ସଲୀଳା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା ପ୍ରମୁଖ ମଞ୍ଚାସିନ ରହିଥିଲେ। ମିଶନ ଶକ୍ତି ବିଭାଗର ଶୁଭାରମ୍ଭ ହୋଇଥିବା ଏହି ଯୋଜନାରେ ଏହି ବ୍ଲକର ୧୬୬୫ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ଥିବା ବେଳେ ୧୭ହଜାର ୪୨୧ ମହିଳା ହେବେ ଉପକୃତ ହୋଇ ପାରିବେ। ଏଥିସହ ୮୭୯ ଗ୍ରୁପ ୫୩ ଲକ୍ଷ ୭ ହଜାର ଋଣ ସୁଧ ଛାଡ଼ ପାଇବେ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ଶିକ୍ଷକ ନିରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିପିଏମ ଜଳନ୍ଧର ମହାରଣା, ମିଶନ ଶକ୍ତି ବ୍ଲକ ସଂଯୋଜକ ଚନ୍ଦନ ପାଢ଼ୀ ସହଯୋଗ କରିଥିଲେ।

### ■ ପ୍ରଶାସନର ପ୍ରତିଶ୍ରୁତି ଶୁଣିଲେନି ଆଦିବାସୀ

# ନ୍ୟାର୍ଯ୍ୟ ଦାବିରେ ଧାରଣା ଅବ୍ୟାହତ

ଭଞ୍ଜନଗର, ୨୭ ।୨(ସମିସ): ଭଞ୍ଜନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତା, ବିଜୁଳି ଆଲୁଅ ଓ ପାନୀୟ ଜଳ ଭଳି ମୌଳିକ ସୁବିଧା ଦାବିରେ ତାଳଖମଣ, ମଣ୍ଡା ପଥର, ଡାଙ୍ଗିଭୁଇଁ ଆଦିବାସୀ ଗ୍ରାମବାସୀଙ୍କ ଅହରାତ୍ର ଗଣଧାରଣା ୨ୟ ଦିନରେ ପହଞ୍ଚିଛି। ବିଭାଗୀୟ ଅଧିକାରୀମାନେ ଧାରଣାସ୍ଥଳକୁ ଆସି ଆଲୋଚନା କରି ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।ହେଲେ ବିଭାଗୀୟଅଧିକାରୀ ମାନେ ପ୍ରଥମେ ଉକ୍ତ ଅଞ୍ଚଳ ପରିଦର୍ଶନ କରି ବାସ୍ତବିକ ତଥ୍ୟ ଆକଳନ କରିବା ସହ ଉପଜିଲ୍ଲାପାଳଙ୍କୁ ସଠିକ ରିପୋର୍ଟ ପ୍ରଦାନ ଏବଂ କେଉଁ ଦିନ କାମ ଆରମ୍ଭ ହେବ ତାହାର ଲିଖିତ ପ୍ରତିଶ୍ରୁତି ଦେବା ପରେ ଯାଇ ଏହି ଗଣଧାରଣା ପ୍ରତ୍ୟାହାର ହେବ ବୋଲି ଆଦିବାସୀ ସମାଜ ଦାବି କରିଥିଲେ। ଯାହା ଫଳରେ ଆଲୋଚନା ବିଫଳ ହୋଇଛି। ମଙ୍ଗଳବାର ଧାରଣାସ୍ଥଳରେ ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ତଥା ସ୍ୱାସ୍ଥ୍ୟ ଅଧିକାର ଆନ୍ଦୋଳନର ନେତା ଅବନୀ ଗୟା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ସାମିଲ ହୋଇଥିଲେ। ଆଇନଜୀବୀ ସୋମନାଥ ନାୟକ, ଅଖିଳ ଭାରତ କ୍ରାନ୍ତିକାରୀ ମହିଳା ସଂଗଠନର ନେତ୍ରୀ ପି. ପାର୍ବତୀ, ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିଅନର ଜିଲ୍ଲା ସମ୍ପାଦକ ରାମଚନ୍ଦ୍ର ବାଡତ୍ୟା, ଆଦିବାସୀ ନେତ୍ରୀ ମଞ୍ଜରୀ ଜାନି, ଅଖିଳ ଭାରତ କ୍ରାନ୍ତିକାରୀ କୃଷକ ସଭା ର ରାଜ୍ୟ ସମ୍ପାଦକ ଶଙ୍କର ଇନକିଲାବ, ରଶ୍ମିତା ମଲ୍ଲିକ, ଯଶୋବନ୍ତ ଜାନି ପ୍ରମୁଖ ଉପସ୍ଥିତ ଥିଲେ। ଧାରଣାରେ ଭାଗ୍ୟ ଲତା ଜାନି, ସନାତନ ଜାନି, ପ୍ରଭାତ ଜାନି, ବିକ୍ରମ ମଲ୍ଲିକ, ଅର୍ଜୁନ ମଲ୍ଲିକ, ରଶ୍ମିତା ମଲ୍ଲିକ, ଯଶୋବନ୍ତ ଜାନି, ପ୍ରଭାତ ଜାନି, ମାନି ଜାନି, ଶୁଶାନ୍ତ ମଲ୍ଲିକ, ପ୍ରମୋଦ ମଲ୍ଲିକଙ୍କ ସମେତ ଶତାଧିକ ଅଛନ୍ତି। ବୁଧବାର ସୁଦ୍ଧା ଦାବି ପୂରଣ ନହେଲେ ସମସ୍ତ ଆଦିବାସୀଙ୍କୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଆଦିବାସୀ ଭାରତ ମହାସଭାର ନେତା ଟୁନା ମଲ୍ଲିକ ଚେତାବନୀ ଦେଇଛନ୍ତି।



# ୩ ୟୁପି ସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଖଲ୍ଲିକୋଟ,୨୭ ।୨(ସମିସ):** ଖଲ୍ଲିକୋଟ ବ୍ଲକର ୩ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି। ଖଲ୍ଲିକୋଟ ବ୍ଲକର ପାରିନୁଆଁଗାଁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀକର ପଣ୍ଡାଙ୍କୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଖଲ୍ଲିକୋଟ ସହର ମଧ୍ୟରେ ଥିବା ଆଭାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିତାରାଣୀ ପଟ୍ଟନାୟକଙ୍କୁ ଦ୍ୱିତୀୟ ଏବଂ ଲଂଗଳେଶ୍ୱର ନାରାୟଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନର୍ମଦା ଦେବୀଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରେଣୀ ଗୃହ ଓ ଏଫଏଲଏନ ପରିଚାଳନା, ସ୍ୱତନ୍ତ୍ର ଶୌଚାଳୟ, ମଧ୍ୟାହ୍ନ ଭୋଜନ, ନିୟମିତ ପିଟିଏମ ଓ ଏସଏମଏସ ବୈଠକ କରିବା, ନାଚ, ଗୀତ ଓ ଚିତ୍ରାଙ୍କନ, ଖେଳ ମାଧ୍ୟମରେ ପିଲାଙ୍କ ସୃଜନଶୀଳତା ସାଙ୍ଗକୁ ଉତ୍ତମ ଶିକ୍ଷାଦାନ, ପରୀକ୍ଷା ଫଳ ସମେତ ସ୍କୁଲ କ୍ୟାବିନେଟ କରି ଛାତ୍ରଛାତ୍ରୀ, ଶିକ୍ଷକ ଓ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ସ୍କୁଲ କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ପ୍ରଭୃତି ମାର୍ଗଦର୍ଶିକାକୁ ଆଧାର କରି ଏହି ପୁରସ୍କାର ପ୍ରଦାନ କରାଯାଇଛି।





# ୧୦ମ ବ୍ରହ୍ମପୁର ସାହିତ୍ୟ ଉତ୍ସବ ଉଦ୍‌ଯାପିତ



ବ୍ରହ୍ମପୁର, ୨୭।୨ (ସମିସ): ଗୋପାଳପୁରଠାରେ ୧୦ମ ବ୍ରହ୍ମପୁର ସାହିତ୍ୟ ଉତ୍ସବ ଉଦଯାପିତ ହୋଇଯାଇଛି। ବରିଷ୍ଠ କବି ବିପ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିବା ବେଳେ ବିଶିଷ୍ଟ ଗଦ୍ୟକାର ଭୀମ ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏ ନେଇ ପ୍ରଫେସର ଉତ୍ତମା ଜେନା, ଡ଼ ମାନସ ରଞ୍ଜନ ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ କବି ସେନାପତି ପ୍ରଦ୍ୟୁମ୍ନ କେଶରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଲେଖା ଭଲ ଥିଲେ ପୁରସ୍କାର ଲେଖକର ପଛରେ ପଛରେ ଗୋଡେଇବ କହିଥିଲେ। ପରିଷଦର ଉପଦେଷ୍ଟା ଙ୍ଗ ଜମିନୀ କାନ୍ତ ଦାସ ଏହି କାର୍ଯ୍ୟକ୍ରମ କିପରି ଆହୁରି ବ୍ୟାପକ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଦୁଇଦିନ ବ୍ୟାପି ଏହି ସାହିତ୍ୟ ଉତ୍ସବରେ କବି ଶୈଳବାଳା ମହାପାତ୍ର, ନର୍ମଦା ନିଲୋତ୍ପଳା, ହିମାଂଶୁ ପରିଡ଼ା, ଶୁଭଶ୍ରୀ ଶୁଭସ୍ମିତା ମିଶ୍ର, ଗାଳ୍ପିକ ରବି ପଣ୍ଡା, ଡ଼ ସଞ୍ଜୟ କୁମାର ମିଶ୍ର, ମନୋରଞ୍ଜନ ପାଣିଗ୍ରାହୀ, ସିଦ୍ଧାର୍ଥ ଶଙ୍କର ପାଢ଼ି, ଡ଼ ବଂଶୀଧର ସେଠୀ, ଶ୍ୟାମା ପ୍ରସାଦ ମିଶ୍ର, ଶିକ୍ଷା ପ୍ରଶାସକ ସୁଶାନ୍ତ ଦାସ, ରବୀନ୍ଦ୍ର ବିଶ୍ୱାଳ, ମଳୟ ରାଉତ, ସୁବ୍ରତ କୁମାର ଦାସ, ଡ଼ କୁଳମଣି ଓଝା, ଅନନ୍ତ କର, ଅକ୍ଷୟପତ୍ର ପ୍ରମୁଖ ବିଭିନ୍ନ ଅଧିବେଶନରେ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ କବି ସାହିତ୍ୟିକ ଯୋଗ ଦେଇଥିବା ବେଳେ କବି ସୁଶାନ୍ତ ଦାଶ, ପ୍ରଫୁଲ୍ଲ ତ୍ରିପାଠୀ, ସତ୍ୟମ ଆଚାରୀ, ଗଜାନନ ମିଶ୍ର, ସୁନୀଲ କୁମାର ପ୍ରଧାନ, ନିଗମାନନ୍ଦ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦୀପ୍ତିମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ।

ଆବଶ୍ୟକ ଜମିର ଅଭାବ

# ପୁରୁଣା କୋଠା ଭାଙ୍ଗି ଜୁଡିସିଆଲ୍ କମ୍ପ୍ଲେକ୍ସ ନିର୍ମାଣ ପ୍ରସ୍ତାବ ପ୍ରତ୍ୟାହୃତ

ଦୋ'ଛକିରେ ଆଇନଜୀବୀ ଓ ଗଞ୍ଜାମ ଓକିଲ ସଂଘ

ପ୍ରକଳ୍ପ ପାଇଁ ରାମାୟାପାଟଣାରେ ଚିହ୍ନଟ ହୋଇଛି ୨୫ ଏକର ଜମି

ଆଶା ଓ ଆଶଙ୍କା ଭିତରେ ବ୍ରହ୍ମପୁର କୋର୍ଟ କ୍ୟାମ୍ପସ



ବ୍ରହ୍ମପୁର, ୨୭।୨(ସମିସ):

ବ୍ରହ୍ମପୁର କୋର୍ଟ ପରିସରରେ ପ୍ରସ୍ତାବିତ ନୂତନ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ ପ୍ରକଳ୍ପ ପ୍ରତ୍ୟାହୃତ ହୋଇଛି। ଏନେଇ ରାଜ୍ୟ ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଏନେଇ ବ୍ରହ୍ମପୁର ସିଭିଲ ଆଣ୍ଡ ସେସନ୍ସ କୋର୍ଟ ସମୂହର ରେଜିଷ୍ଟ୍ରାର ଡଃ ପ୍ରଦୀପ କୁମାର ପ୍ରଧାନ ଗଞ୍ଜାମ ଓକିଲ ସଂଘର ସମ୍ପାଦକଙ୍କୁ ଦେଇଥିବା ଚିଠିରୁ ଜଣାପଡ଼ିଛି। ବ୍ରହ୍ମପୁର କୋର୍ଟ ପରିସରରେ ଥିବା କିଛି ପୁରୁଣା କୋଠା ସମେତ ଗଞ୍ଜାମ ଓକିଲ ସଂଘର କାର୍ଯ୍ୟାଳୟ ଓ ଲାଇବ୍ରେରୀକୁ ଭଙ୍ଗାଯାଇ ସେଠାରେ ବହୁତଳ ବିଶିଷ୍ଟ ତଥା ଅତ୍ୟାଧୁନିକ କୋଠା ନିର୍ମାଣ କରାଯିବାକୁ ପ୍ରସ୍ତାବ ଥିଲା। ଏଥିପାଇଁ ପୂର୍ତ୍ତବିଭାଗ ପକ୍ଷରୁ ପ୍ରାୟ ୮୦କୋଟିରୁ ଅଧିକ ଟଙ୍କାର ବ୍ୟୟ ଅଟକଳ କରାଯାଇ ପ୍ଲାନର ପ୍ରଶାସନିକ ଅନୁମୋଦନ ପାଇଁ ପଠାଯାଇଥିଲା। ତେବେ ପ୍ରକଳ୍ପ ପାଇଁ ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟ ଓ ଲାଇବ୍ରେରୀର ପୁରୁଣା କୋଠାକୁ ଭଙ୍ଗାଯିବାକୁ ନେଇ ଆଇନଜୀବୀଙ୍କ ମଧ୍ୟରେ ଦ୍ୱିମତ ଥିଲା। ଯାହାକୁ ନେଇ ସଂଘ ପକ୍ଷରୁ ଗତ ୧୬ ଓ ୨୧ତାରିଖରେ ସାଧାରଣ ପରିଷଦ ବୈଠକ ଡକାଯାଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଭିନ୍ନ ପର୍ଯ୍ୟାୟରେ ଜିଲ୍ଲାଜଜ୍‌ଙ୍କ ସହ ସଂଘର କର୍ମକର୍ତ୍ତା ଓ ବରିଷ୍ଠ ଆଇନଜୀବୀମାନେ ଆଲୋଚନା ମଧ୍ୟ କରିଥିଲେ। ପ୍ରକଳ୍ପକୁ ସମସ୍ତ ଆଇନଜୀବୀ ସ୍ୱାଗତ କରୁଥିଲେ ହେଁ କୌଣସି ଉପଯୁକ୍ତ ବିକଳ୍ପ ବ୍ୟବସ୍ଥା ନଥାଇ ପ୍ରଥମେ ବହୁ ପୁରାତନ କୋଠା ଭଙ୍ଗାଯିବାକୁ ବିରୋଧାଭାଷ ଦେଖିବାକୁ ମିଳିଥିଲା। ଉଭୟ ବୈଠକରେ ଏଥିପାଇଁ କିଛି ସମୟର ମହଲତ ମଗାଯିବା ସହିତ ପ୍ରଥମେ କୋଠା ନିର୍ମାଣ ଓ ପରେ ଉଚ୍ଛେଦ କରିବାକୁ ଜିଲ୍ଲାଜଜ୍‌ଙ୍କ ନିକଟରେ ସଂଘ ପକ୍ଷରୁ ନିବେଦନ କରାଯାଇଥିଲା। ଏଭଳି ପରିସ୍ଥିତିରେ ଗତ ୨୬ତାରିଖ ସୋମବାର ଦିନ କୋର୍ଟର ରେଜିଷ୍ଟ୍ରାରଙ୍କ ପକ୍ଷରୁ ସଂଘର ସମ୍ପାଦକଙ୍କ ନିକଟକୁ ପ୍ରେରିତ ହୋଇଥିବା ଚିଠିରେ ପ୍ରସ୍ତାବ ପ୍ରତ୍ୟାହୃତ ହୋଇଥିବା ସ୍ପଷ୍ଟ କୁହାଯାଇଛି। ଏବଂ ପୂର୍ବରୁ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଥିବା ସଂଘ କାର୍ଯ୍ୟାଳୟ ଓ ଲାଇବ୍ରେରୀର ବିଭିନ୍ନ ଆସବାବପତ୍ରକୁ ତୁରନ୍ତ ଫେରାଇ ନେବାକୁ କୁହାଯାଇଛି। ରେଜିଷ୍ଟ୍ରାରଙ୍କ ନିକଟରୁ ସଂଘ ସମ୍ପାଦକଙ୍କ ନିକଟକୁ ଆସିଥିବା ଏହି ଚିଠିକୁ ନେଇ ବର୍ତ୍ତମାନ ଦ୍ୱନ୍ଦ୍ୱରେ ଗଞ୍ଜାମ ଓକିଲ ସଂଘ ଓ ଏହାର ସମସ୍ତ ସଦସ୍ୟ ଆଇନଜୀବୀ। କିଛି ଆଇନଜୀବୀ ଏଭଳି ନିଷ୍ପତ୍ତିକୁ ନେଇ ଖୁସି ବ୍ୟକ୍ତ କରିଥିବା ବେଳେ ଅନେକଙ୍କ ମନରେ ସହର ବାହାରକୁ କୋର୍ଟ ସ୍ଥାନାନ୍ତର ହେବା ନେଇ ଚିନ୍ତା ଘାରିଛି। କାରଣ ବ୍ରହ୍ମପୁର ସହର ବାହାରେ ଅର୍ଥାତ୍ ଚିକିଟି ବ୍ଲକ ଅନ୍ତର୍ଗତ ରାମେୟାପାଟଣା ନିକଟରେ ୨୫ ଏକର ଜମିକୁ ବିଚାର ବିଭାଗକୁ ହସ୍ତାନ୍ତର କରାଯାଇଛି। ଉକ୍ତ ଜମିରେ ବ୍ରହ୍ମପୁର ଜୁଡିସିଆଲ କମ୍ପ୍ଲେକ୍ସ ସ୍ଥାନାନ୍ତର ନେଇ ଆଉ ଏକ ପ୍ରକଳ୍ପ ମଧ୍ୟ ବିଚାରାଧିନ ରହିଛି। ଯଦି ସହର ମଧ୍ୟରେ ଥିବା ପୁରୁଣା କୋଠାକୁ ଭାଙ୍ଗି ଏଠାରେ ନୂତନ କୋଠା ନିର୍ମାଣ ପ୍ରସ୍ତାବକୁ ପ୍ରତ୍ୟାହାର କରାଗଲା ତେବେ ବିକଳ୍ପ ଭାବେ କାଳେ ବ୍ରହ୍ମପୁରରୁ କୋର୍ଟ ଉଠି ରାମେୟାପାଟଣାକୁ ଚାଲିଯିବ ସେଥିପାଇଁ ଚିନ୍ତାରେ ପଡ଼ିଯାଇଛନ୍ତି ବହୁ ଆଇନଜୀବୀ। ଯଦି ଏହା ହୁଏ ତେବେ ଓକିଲ ଓ ମହକିଲ ଏପରିକି ବିଚାର ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ମଧ୍ୟ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏଭଳି ପରିସ୍ଥିତିରେ ପୂର୍ବରୁ କୋର୍ଟ କ୍ୟାମ୍ପସରୁ ସ୍ଥାନାନ୍ତର ହୋଇଥିବା ଓକିଲଙ୍କ ଚାମ୍ବରଗୁଡିକୁ ପୁଣି କୋର୍ଟ ହତା ଭିତରକୁ ଫେରାଇ ଆଣିବା ଉଚିତ ହେବ କି ନାହିଁ ସେଥିପାଇଁ ଆଇନଜୀବୀଙ୍କ ମଧ୍ୟରେ ବିଚାରବିମର୍ଷ ଚାଲିଛି। ଯଦି ଏଭଳି କିଛି ହୁଏ ତେବେ କମ୍ପାପଲ୍ଲୀ ଓଭରବ୍ରିଜ ତଳେ ଥିବା ପନିପରିବା ବ୍ୟବସାୟୀ ପ୍ରଥମେ ଖୁସି ହେବେ। ଏବେ ଦେଖିବାକୁ ବାକି ରହିଲା ପ୍ରସ୍ତାବିତ ନୂତନ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ ନେଇ ପରବର୍ତ୍ତି ପଦକ୍ଷେପ କଣ ନିଆଯାଉଛି।

# ଭଗତ ସିଂ ଜିମ୍ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ

ଛତ୍ରପୁର, ୨୭।୨ (ସମିସ): ଛତ୍ରପୁର ଭଗତ ସିଂ ଜିମ୍‌ର ନୂତନ କୋଠା ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଛତ୍ରପୁର ବିଧାୟକଙ୍କ ନିଜସ୍ୱ ହାତପାଣ୍ଠିରୁ ୬ଲକ୍ଷ ଟଙ୍କା ଅନୁଦାନରେ ଏହି ନୂତନ କୋଠା ନିର୍ମାଣ ହେବ। ମଙ୍ଗଳବାର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ଏହାର ଭିତ୍ତିପ୍ରସ୍ତର କରିଥିଲେ। ଏହା ଛତ୍ରପୁର ସହରର ପୁରାତନ ଜିମ୍ ଅଟେ। ବହୁ ଯୁବକ ମାନେ ଏଠାକୁ ଆସିଥାନ୍ତି। ଏହି କୋଠା ନିର୍ମାଣ ହେଲେ ବହୁ ଯୁବକ ଉପକୃତ ହୋଇପାରିବେ। କାର୍ଯ୍ୟକ୍ରମରେ ଛତ୍ରପୁର ଏଏନସି ଉପଧ୍ୟକ୍ଷ ଜି.ପାପା ରାଓଙ୍କ ସମେତ ଭଗତ ସିଂ ଜିମ୍‌ର ସଭାପତି କେ.ନାରାୟଣ ରାଓ, ସମ୍ପାଦକ ଟି.ଦାମୋଦର ରେଡିଙ୍କ ସମେତ ବହୁ କାଉନସିଲର, ଜିମର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ବୁଧେଶ୍ୱରଙ୍କ ଜାଗର ଯାତ୍ରା ପ୍ରସ୍ତୁତି



ସାନଖେମୁଣ୍ଡି, ୨୭।୨ (ସମିସ) : ପ୍ରଭୁ ବୁଧେଶ୍ୱରଙ୍କ ଜାଗର ଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମନ୍ଦିର ସଭାପତି ବସନ୍ତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରଭୁଙ୍କ ଜାଗରଯାତ୍ରା ପାଇଁ ଆଲୋଚନା କରାଯାଇଥିଲା। ପରିମଳ ବ୍ୟବସ୍ଥା, ଦୀପଷ୍ଟାଣ୍ଡ ନିକଟରେ ଦମକଳ ସେବା ବାହୀନିର କର୍ମଚାରୀ ଓ ଗହଳି ସ୍ଥାନ ଓ ବ୍ୟାରିକେଟ ଆଦି ସ୍ଥାନ ମାନଙ୍କରେ ପୁଲିସ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ମନ୍ଦିର ମୁଖ୍ୟ ପଣ୍ଡିତ ଭବାନୀ ଶଙ୍କର ତ୍ରୀପାଠୀ, ପରିଚାଳନା କମିଟି ଉପ ସଭାପତି ଏ. ମାଧବ ରେଡ଼ି, ସମ୍ପାଦକ ରଞ୍ଜନ କୁମାର ସାହୁ, କୋଷାଧ୍ୟକ୍ଷ ବାଳକୃଷ୍ଣ ଚୌଧୁରୀ, ପରିଚାଳନା କମିଟି ଡ. କୈଳାଶ ଚନ୍ଦ୍ର ସ୍ୱାଇଁ, ସନ୍ତୋଷ ପାଢ଼ୀ, ବାଲା ସୁବୁଦ୍ଧି, ଟୁନୁ ନାହାକ, ପରମ ନାୟକ, ଶୁକଦେବ ରେଡି, ନାଗେଶ ରେଡି, ଶିବ ବେହେରାଙ୍କ ସମେତ ମନ୍ଦିର ପରିଚାଳନା କମିଟି, ମନ୍ଦିର ପୂଜକ ଉପସ୍ଥିତ ଥିଲେ।

# ଶେରଗଡ଼ ଅଞ୍ଚଳରେ ଘନଘନ ଚୋରି

ଶେରଗଡ଼, ୨୭।୨ (ସମିସ): ଶେରଗଡ଼ ଅଞ୍ଚଳରେ କିଛିଦିନ ହେଲା କ୍ରମାଗତ ଭାବେ ଚୋରି ହେଉଛି। ଦୁର୍ବୃତ୍ତ ମାନେ ତାଲା ବନ୍ଦ ଘରକୁ ଟାର୍ଗେଟ କରୁଛନ୍ତି। ସୋମବାର ଶେରଗଡ଼ ସହରର ଯମୁନା ନଗରରେ ଗୋଟିଏ ଘରର ତାଲା, ପଦରା ସମାଜର କୋଠ ଘର ତାଲା ଭାଙ୍ଗି ହଣ୍ଡା ଚୋରି କରିବା ସହ ଶେରଗଡ଼ ଷ୍ଟେଟ ବ୍ୟାଙ୍କ ସାମନାରେ ରହୁଥିବା ଅବସରପ୍ରାପ୍ତ ଶିକ୍ଷକ ଲଳିତ ମୋହନ ଦୋରାଙ୍କ ଘରର ତାଲା ଭାଙ୍ଗି ଆଲମିରା ଭାଙ୍ଗି ଗୋଟିଏ ସୁନା ଚେନ, କାନ ଫୁଲ ସହ ୮ ହଜାର ଟଙ୍କା ଚୋରି କରି ନେଇଯାଇଛନ୍ତି। ପୁଲିସ ତାଲା ଭଙ୍ଗା ଯାଇଥିବା ଘରକୁ ଯାଞ୍ଚ କରି ଚାଲି ଯାଇଥିଲେ। ପ୍ରାୟ ଏକ ବର୍ଷ ପୂର୍ବରୁ ଶେରଗଡ଼ ଅଞ୍ଚଳରେ ଅନୁରୂପ ଭାବେ ଚୋରି ଚାଲିଥିଲା। ଏବେ ପୁଣି ଚୋରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ତେଣୁ ପୁଲିସ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥାକୁ ଜୋରଦାର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମିଶନ ଶକ୍ତି ମା' ଫେରିପାଇଲେ ସୁଧ ଟଙ୍କା

ଛତ୍ରପୁର, ୨୭।୨ (ସମିସ):



ମିଶନ ଶକ୍ତି ମା'ଙ୍କ ପାଇଁ ଖୁସି ଖବର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଲେ ବଡ଼ ଉପହାର। ଏଣିକି ବିନା ସୁଧରେ ମିଳିବ ୧୦ ଲକ୍ଷ ଟଙ୍କା ଯାଏ ଋଣ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ମଙ୍ଗଳବାର ଆଭାସୀ ମାଧ୍ୟମରେ ଏହାର ଶୁଭାରମ୍ଭ କରିଛନ୍ତି। ସୁଧ ଫେରସ୍ତ ବାବଦକୁ ଗଞ୍ଜାମ ଜିଲ୍ଲାର ୧୫ହଜାର ୭୦୫ ଏସଏଚଜିକୁ ୮୪୬.୧୩ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ। ସେହିଭଳି ଜିଲ୍ଲାର ୪୨ହଜାର ୯୩୭ ମିଶନ ଶକ୍ତି ଗ୍ରୁପର ୪ଲକ୍ଷ ୪୬ହାଜର ୬୦୩ଜଣ ସଭ୍ୟାଙ୍କୁ ୟୁନିଫର୍ମ ପାଇଁ ଏବଂ ୮ ହଜାର ୨୦୮ ଜଣ ମିଶନ ଶକ୍ତି ଲିଡରମାନଙ୍କୁ ବ୍ଲେଜର ବାବଦରେ ଆର୍ଥିକ ସହାୟତା ଦିଆଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ମିଶନ ଶକ୍ତି ମୋର ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ। ମା' ମାନଙ୍କର ଉନ୍ନତି ପାଇଁ ସରକାର ସବୁବେଳେ କାମ କରୁଛନ୍ତି। ମା' ମାନେ ଏବେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ସହଭାଗୀ ହେଉଛନ୍ତି। ନୂଆ ଓ ଗଠନରେ ସାମିଲ ହୋଇଛନ୍ତି ମିଶନ ଶକ୍ତି ମା'। ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲାପାଳଙ୍କ ଓସ୍ୱାନ ହଲରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା, ଗଞ୍ଜାମ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ନବୀନ ସେନାପତି, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶାସ୍ୱତ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଆବିଦା ପରିମନ, ଏଲଡ଼ିଏମ କେ. ସି. ନାୟକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ବହୁ ମିଶନ ଶକ୍ତିର ସଭ୍ୟା ଉପସ୍ଥିତ ଥିଲେ।

**ବିନା ସୁଧରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ**



ପୁରୁଷୋତ୍ତମପୁର : ପୁରୁଷୋତ୍ତମପୁର ବ୍ଲକ ପରିସରରେ ବିଡ଼ିଓ ମନୋଜ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ମହିଳା ଗୋଷ୍ଠୀଙ୍କୁ ନେଇ ସୁଧ ଫେରସ୍ତ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆସ୍କା ସାଂସଦ ପ୍ରମିଳା ବିଷୋୟୀ, ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ତହସିଲଦାର ଲୋପାମୁଦ୍ରା ରଥ, ୩୬ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଭଜମନ ବେହେରା ପ୍ରମୁଖ ମଞ୍ଚାସିନ ରହି ୬୬୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୭୦ଲକ୍ଷ ଟଙ୍କା ସୁଧ ରିହାତି ଚେକ୍ ମାଧ୍ୟମରେ ଫେରସ୍ତ କରିଥିଲେ। ଏହାସହ ବ୍ଲକର ୨୬ଟି ପଞ୍ଚାୟତର ୩୪୭୩ ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଥିଲା। ସହକାରୀ ଯନ୍ତ୍ରୀ ସରୋଜ କୁମାର ସାବତ, ବ୍ଲକ ଯୁବ ବିଜେଡି ସଭାପତି ନିଳମଣୀ ପଣ୍ଡା, ସାଂସଦ ପ୍ରତିନିଧି ସୁଦର୍ଶନ ନାୟକ, ଲିଙ୍ଗରାଜ ବାରିକ, ସରପଞ୍ଚ ମାମାଲି ଦାସ, ସରପଞ୍ଚ ସୁଧାକର ଗୌଡ଼, ସମିତି ସଭ୍ୟ ଜଗନ୍ନାଥ ପାତ୍ର ସମେତ ମିଶନ ଶକ୍ତିର ଏମ୍‌ବିକେ, ସିଆର୍‌ପି, ବ୍ୟାଙ୍କ ମିତ୍ର, ବ୍ଲକ କର୍ମଚାରୀ ମାନେ ଉପସ୍ଥିତ ଥିଲେ।



ଧରାକୋଟ : ଧରାକୋଟ ବ୍ଲକ ପରିସରରେ ମିଶନ ଶକ୍ତିର ସୁଧ ଫେରସ୍ତ ମେଳା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ବିଡିଓ ଡେନିସ ବେହେରା, ଏବିଡିଓ ସୁଶିଲ ପଟନାୟକ, ସିଡିପିଓ ସୁନିଲ ପ୍ରଭା ରଥ, ସରପଞ୍ଚ ମାଧୁରୀ ସ୍ୱାଇଁ, ବିପିଏମ ପ୍ରତାପ ସ୍ୱାଇଁ, ବିପିଏ ବିଷ୍ଣୁ ପ୍ରସାଦ ବେହେରା ଏବଂ ବ୍ଲକ ସ୍ତରର ସମସ୍ତ ବ୍ୟାଙ୍କ ଶାଖା ପରିଚାଳକ ମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁଧ ରାଶି ଫେରସ୍ତ ପାଇଁ ୧୪୫ କୋଟି, ୟୁନିଫର୍ମ ଓ ବ୍ଲେଜର ପାଇଁ ୭୩୦ କୋଟି ଅନୁଦାନ ପ୍ରଦାନ କରିଥିବାରୁ ତାଙ୍କୁ ସାଧୁବାଦ ଜ୍ଞାପନ କରାଯାଇଥିଲା। ଧରାକୋଟ ବ୍ଲକର ୧୬୦୦ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ଯେଉଁ ମାନେ ଋଣ ନେଇ ସୁଧ ପରିଶୋଧ କରିଛନ୍ତି ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ମଙ୍ଗଳବାର ୬୦୯ ସ୍ୱୟଂ ସହାୟକ ଗୋଷ୍ଠୀକୁ ୩୧ ଲକ୍ଷ ୮୦ ହଜାର ଟଙ୍କାର ସୁଧ ଫେରସ୍ତ ଅର୍ଥ ଚେକ ଆକାରରେ ପ୍ରଦାନ କରାଯାଇଥିଲା। ବ୍ଲକର ସମସ୍ତ ମହିଳା ଗୋଷ୍ଠୀ ସଦସ୍ୟାଙ୍କୁ ଏକ ଟଙ୍କା ଲେଖାଏଁ ୟୁନିଫର୍ମ ପାଇଁ ଏବଂ ପ୍ରାୟ ୫୦୦ ଜଣଙ୍କ ଖାତାରେ ଦୁଇ ହଜାର ଟଙ୍କାର ବ୍ଲେଜର ପାଇଁ ସହାୟତା ରାଶି ପ୍ରଦାନ କରାଯିବ। ଏହି ମେଳାକୁ ସୁପରଭାଇଜର ଭାଗ୍ୟ ମଣ୍ଡଳ ପରିଚାଳନା କରିଥିବା ବେଳେ ବିପିଏ ବିଷ୍ଣୁ ପ୍ରସାଦ ବେହେରା ସଂଯୋଜନା କରିଥିଲେ।



କୋଦଳା: ମଙ୍ଗଳବାର ବେଗୁନିଆପଡ଼ା ବ୍ଲକ ପରିସରରେ ନବ ନିର୍ମିତ ମିଶନ ଶକ୍ତି କାର୍ଯ୍ୟାଳୟ ଓ ଏକ ସୁଧ ଫେରସ୍ତ ମେଳାକୁ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଉଦଘାଟନ କରିଥିଲେ। ଏହି ବ୍ଲକର ୭୪୧ଟି ମହିଳା ସଂଘ ନେଇଥିବା ଋଣର ସୁଧ ୩ କୋଟି, ୨୦ ଲକ୍ଷ, ୬୮ ହଜାର ଟଙ୍କା ଚେକ ଆକାରରେ ପ୍ରଦାନ କରାଯାଇଛି। ଏଥିରେ ବିଡିଓ ପ୍ରଜ୍ଞା ପ୍ରିୟଦର୍ଶିନୀ, ଅଧ୍ୟକ୍ଷା ରେଣୁ ଗୌଡ଼, ଉପାଧ୍ୟକ୍ଷ ସୁଧାକର ପ୍ରଧାନ, ସିଡିପିଓ ସନ୍ଧ୍ୟାରାଣୀ ପାଣିଗ୍ରାହୀ, ବ୍ଲକ ବିଜେଡି ସଭାପତି ସୀମାଞ୍ଚଳ ସାମଲ, ଜିଲ୍ଲା ପରିଷଦ ସଦସ୍ୟା ମଧୁମିତା ସାହୁ, ସମବାୟ ନିର୍ଦ୍ଦେଶକ ହୃଷୀକେଶ ମେହେଣା, ବ୍ଲକ ପ୍ରକଳ୍ପ ସଂଯୋଜକ ଦିଲ୍ଲୀପ କୁମାର ବେହେରା ଅତିଥି ଭାବେ ଯୋଗଦେଇ ଥିବା ବେଳେ ସମାଜସେବୀ ମହେଶ୍ୱର ବରାଡ଼ ମଞ୍ଚ ପରିଚାଳନା କରିଥିଲେ।



ସାନଖେମୁଣ୍ଡି : ସାନଖେମୁଣ୍ଡିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ବିଡିଓ ଜୀତେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଚିତ୍ରା ସାହୁ, ବ୍ଲକ ଉପାଧ୍ୟକ୍ଷା ରିଙ୍କି ନାୟକ, ଜିଲ୍ଲା ପରିଷଦ ସଭ୍ୟା ସୁଲତା ରାଣୀ ସ୍ୱାଇଁ ଉପସ୍ଥିତ ରହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କାନାରା ବ୍ୟାଙ୍କ ଶାଖା ପରିଚାଳଜ, ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ, ଆସିକା ସମବାୟ ବ୍ୟାଙ୍କ ଶାଖା ପରିଚାଳକ, ବିପିସି ମିଶନ ଶକ୍ତି ଦୁର୍ଯ୍ୟୋଧନ ମଲ୍ଲିକ, ବିପିଏମ୍ ନରେନ୍ଦ୍ର ତ୍ରୀପାଠୀ, ବିଏଲଫ ସଭାପତି ଲକ୍ଷ୍ମୀ ଦୋରା, ସମ୍ପାଦିକା ବବିତା ବେହେରା ଯୋଗ ଦେଇଥିଲେ। ବ୍ଲକର ୮୮୧ଟି ମିଶନ ଶକ୍ତିକୁ ୪୦ ଲକ୍ଷ ୨ ହଜାର ୭୧୭ ଟଙ୍କା ରିହାତି ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏମବିକେ ସ୍ୱପୀକ୍ଷ କୁମାରୀ ଗୌଡ଼, ସୁଚିତ୍ରା ପାଣିଗ୍ରାହି, ଲକ୍ଷ୍ମୀ ଗୌଡ଼, ଶିବାନୀ ରେଡ଼ି, ନନ୍ଦିତା ଦାସଙ୍କ ସମେତ ସିଆରପି, ବ୍ୟାଙ୍କ ମିତ୍ର ମାନେ ସହଯୋଗ କରିଥିଲେ।



ବୁଗୁଡ଼ା: ବୁଦ୍ଧଖୋଲ ପାଦଦେଶସ୍ଥ ମହୋତ୍ସବ ପଡ଼ିଆରେ ମିଶନ ଶକ୍ତି ସୁଧ ଫେରସ୍ତ ମେଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ସନ୍ତୋଷ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ସିଡିପିଓ ବବିତା କୁମାରୀ ପଣ୍ଡା ଯୋଗ ଦେଇ ମହିଳା ସଶକ୍ତିକରଣରେ ସରକାରଙ୍କ ମିଶନ ଶକ୍ତିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ବୁଗୁଡା ବ୍ଲକ ଓ ଏନ୍‌ଏସି ଅନ୍ତର୍ଗତ ୬୨୮ଟି ଗ୍ରୁପକୁ ମୋଟ ୩୧ ଲକ୍ଷ ୫୫ ହଜାର ୯୨୮ ଟଙ୍କା ସୁଧ ଫେରସ୍ତ କରାଯାଇଥିଲା। କାର୍ଯ୍ୟକ୍ରମରେ ବୁଗୁଡା ଅଞ୍ଚଳର ସମସ୍ତ ବ୍ୟାଙ୍କର ଶାଖା ପରିଚାଳକମାନଙ୍କ ସମେତ ଏମବିକେ, ସିଆରପି ଏବଂ ମିଶନ ଶକ୍ତିର ମହିଳାମାନେ ଉପସ୍ଥିତ ରହିଥିଲେ। ଜିପିଇଓ ମନୋଜ କୁମାର ସାହୁଙ୍କ ତତ୍ତ୍ୱବଧାନରେ ଆୟୋଜିତ ମେଳାକୁ ବିପିଏମ୍ ସଞ୍ଜୁ ସାହୁ ଓ ବିପିସି ସନୋଜ କୁମାର ଜେନା ପରିଚାଳନା କରିଥିଲେ।



ରଙ୍ଗେଇଲୁଣ୍ଡା: ରଙ୍ଗେଇଲୁଣ୍ଡା ବ୍ଲକ ପରିସରରେ ମିଶନ ଶକ୍ତି ପକ୍ଷରୁ ବ୍ଲକସ୍ତରୀୟ ମେଗା ଏସଏଜି ସୁଧ ରିହାତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ଅନ୍ୟ ଅତିଥି ଗଞ୍ଜାମ ଜିଲ୍ଲା ପରିଷଦ ଉପସଭାପତି ଏସ ରାଜେଶ୍ୱରୀ ଦୋରା, ବିଡିଓ ଅଂଶୁମାନ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ସିଏଚ. ଉଷା ରାଣୀ, ଉପାଧ୍ୟକ୍ଷା ଅନିତା ମହାକୁଡ଼, ଜିଲ୍ଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ସାଂସଦ ପ୍ରତିନିଧି ଅଜିତ କୁମାର ଦାଶ, ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ବିଷ୍ଣୁପ୍ରିୟା ନାୟକ, ସିଡିପିଓ ଜ୍ୟୋସ୍ନା ପାଢ଼ୀ ଯୋଗ ଦେଇଥିଲେ। ବିପିଏମ ଅଜୟ କୁମାର ଦାସ ସଭାପତିତ୍ୱ କରିଥିଲେ। ୬୬୦ ଏସଏଜି ଗ୍ରୁପକୁ ୩୨ ଲକ୍ଷ ୪୬ ହଜାର ୯ ଶହ ୫୪ ଟଙ୍କା ସୁଦ୍ଧା ଫେରାସ୍ତ କରାଗଲା। ଏଥିସହ ସମସ୍ତ ବ୍ୟାଙ୍କ ଶାଖା ପରିଚାଳକ ମାନଂକୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଏଲସି ପବିତ୍ରା ଦୋରା, ରୋଜାରାଣୀ ପଟ୍ଟନାୟକ, ବିପିସି ଶ୍ରୀରାମ ପଣ୍ଡା, ସମାଜସେବୀ ରାମହରି ପାତ୍ର, ସରପଞ୍ଚ ନିର ବେହେରା, ଦଣ୍ଡପାଣି ବେହେରା, ପ୍ରଶାନ୍ତ ଦାସ, ସସ୍ମିତା ବେହେରା, ପ୍ରବୀଣ କୁମାର, ସୁଧୀର ନାୟକ, ସନ୍ତୋଷ ବେହେରା, ଜୟ ସାହୁ, ପ୍ରକାଶ ସେଠି, ଏମବିକେ, ସିଆରପି, କୃଷି ମିତ୍ର, ପ୍ରାଣୀ ମିତ୍ର, ବ୍ୟାଙ୍କ ମିତ୍ର ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।

ଆସିକା: ଆସିକାରେ ଅନୁଷ୍ଠିତ ସୁଧ ଫେରସ୍ତ ମେଳା କାର୍ଯ୍ୟକ୍ରମକୁ ବିଧାୟିକା ମଞ୍ଜୁଳା ସ୍ୱାଇଁ ଉଦଘାଟନ କରିଥିଲେ। ଏଥିସହ ବ୍ଲକର ୫୦ଟି ମହିଳା ଗୋଷ୍ଠୀଙ୍କୁ ୧୧ ଲକ୍ଷ ୨୯ ହାଜର ୯୮୬ ଟଙ୍କା ସୁଧ ଫେରସ୍ତ କରାଯାଇଥିଲା। ସିଡିପିଓ ଉଗ୍ୟଲତା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଡିଓ ଫକୀର ଚରଣ ପରିଡ଼ା, ପଞ୍ଚାୟତ ସମିତି ଅଧ୍ୟକ୍ଷ ତ୍ରିବେଣୀ ନାହାକ, ଉପାଧ୍ୟକ୍ଷା ରେଶମା ଦୋରା, ଜିଲ୍ଲା ପରିଷଦ ଅନିମା ପରିଡ଼ା, ବିଜ୍ଞାପିତ ଅଞ୍ଚଳ ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆସିକା ଶାଖା ବ୍ରାଞ୍ଚ ମ୍ୟାନେଜର ସରୋଜ କୁମାର ହୋତା ପ୍ରମୁଖ ଉପସ୍ଥିତ ରହିଥିଲେ।



**କାମରେ ଆସୁନି ପାନୀୟ ଜଳ ପ୍ରକଳ୍ପ**

# ଜଳକଷ୍ଟରେ ଉତ୍ତରସେଲୀ ଗ୍ରାମବାସୀ







**ଗୋଷାଣି, ୨୭ ।୨(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବଡଗୋଷାଣି ପଞ୍ଚାୟତ ଉତ୍ତରସେଲୀ ଗ୍ରାମରେ ପାନୀୟ ଜଳ ପାଇଁ ସମସ୍ତ ଆନୁସାଙ୍ଗିକ ବ୍ୟବସ୍ଥା ହୋଇଛି। ହେଲେ ବିଭାଗୀୟ ଅଣଦେଖା ଯୋଗୁଁ ଆଜି ବି ଜଳକଷ୍ଟ ଭୋଗୁଛନ୍ତି ଗ୍ରାମବାସୀ। ବର୍ଷ ତମାମ ପାନୀୟ ଜଳ ପାଇଁ ଡହଳବିକଳ ହେଉଛନ୍ତି ଗ୍ରାମବାସୀ। ଗ୍ରାମର ୮୦ ଘର ରହିଥିବା ବେଳେ ଜନସଂଖ୍ୟା ପାଞ୍ଚ ଶହରୁ ଊର୍ଦ୍ଧ୍ୱ। ପାନୀୟ ଜଳ ବ୍ୟବସ୍ଥା ପାଇଁ ଦଶ ବର୍ଷ ହେଲା ପାଇପ ବିଛାଯାଇ ଘରକୁ ଘର ଦିଆଯାଇଛି ଟ୍ୟାପ। ଏହା ସହ ଗ୍ରାମରେ ୩ଟି ନଳକୂପ ରହିଛି। ହେଲେ ପାନୀୟ ଜଳ ପ୍ରକଳ୍ପ କାମରେ ଆସୁନାହିଁ। ନଳକୂପ ଗୁଡିକ ମଧ୍ୟରୁ ଗୋଟିଏ ଅଚଳ ହୋଇପଡ଼ିଥିବା ବେଳେ ଅନ୍ୟ ଦୁଇଟିରେ ପାଣି ଆସୁଥିଲେ ମଧ୍ୟ ପାନୀୟ ଉପଯୋଗୀ ହେଉନାହିଁ। ଗ୍ରାମବାସୀଙ୍କ କହିବା ପ୍ରକାରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଦ୍ୱାରା ଗ୍ରାମର ସମସ୍ତ ଘରକୁ ପାଇପ ଯୋଗେ ପିଇବା ପାଣି ବ୍ୟବସ୍ଥା ହୋଇଛି। ଏହାର ଟାଙ୍କି ତଥା ମୋଟର ଦୁଇ କିମି ଦୂରରେ ଥିବା ଜଙ୍ଗଲପାଡୁ ଗ୍ରାମରେ ରହିଛି। ଉଭୟ ଟାଙ୍କି ଓ ମୋଟର ଦୁଇ କିମି ଦୂରତା ରହିଥିବା ଏବଂ ଉତ୍ତରସେଲୀ ଗ୍ରାମ ଉଚ୍ଚରେ ରହିଥିବା ଯୋଗୁଁ ପାଣି ପହଞ୍ଚି ପାରୁ ନ ଥିବାୟ ପ୍ରକାଶ କରିଛନ୍ତି। ପିଇବା ପାଣି ପାଇଁ ଗ୍ରାମବାସୀ ଦଶ ବର୍ଷ ପୂର୍ବେ ଯେଉଁ ସମସ୍ୟା ଭୋଗି ଏବେ ବି ସେହି ସମସ୍ୟା ଭୋଗୁଛନ୍ତି। ପାନୀୟ ଜଳ ପାଇଁ ବିଭାଗ ସମସ୍ତ ବନ୍ଦୋବସ୍ତ କରି ଆଖି ବୁଜିଦେଇଛି। ରକ୍ଷଣାବେକ୍ଷଣ କିମ୍ବା ଆବଶ୍ୟକ ମରାମତି ନ କରି ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ପଡ଼ିଥିବା ଅଭିଯୋଗ ହୋଇଛି। ଏନେଇ ବାରମ୍ବାର ବିଭାଗୀୟ ଯନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କୁ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମରେ ଜଳକଷ୍ଟକୁ ଲକ୍ଷ୍ୟ କରି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ପକ୍ଷରୁ ୩ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ମୋଟର ଓ ପାଣିଟାଙ୍କି ୨୦୨୦-୨୧ରେ ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ଷମ ହେବାର ସାତ ଦିନ ପରେ ଅଚଳ ହୋଇପଡ଼ିଛି। ମୋଟର ଭୂତଳ ମଧ୍ୟକୁ ଖସିପଡ଼ିଥିବା କଥା କହି ବିଭାଗ ଚୂପଚାପ ରହିଯାଇଥିବାର କହିଛନ୍ତି। ମାତ୍ର ତିନି କିମି ଦୂରରେ ବ୍ଲକ ସଦର ମହକୁମା ରହିଛି। ବ୍ଲକ ପ୍ରଶାସନଙ୍କୁ ମଧ୍ୟ ଜଳକଷ୍ଟକୁ ନେଇ ଗୁହାରି ଜଣାଇଛୁ। ଅଭିଯୋଗ କରି ନୟାନ୍ତ ହେଲୁଣି। କେହି ଆମ୍ଭ ଦୁଃଖ ଦୁର୍ଦ୍ଦଶା ବୁଝୁନାହାନ୍ତି ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି ଗ୍ରାମବାସୀ। ଅନ୍ୟପକ୍ଷରେ ଗ୍ରାମରେ ଦୁଇ କୂପ ରହିଥିଲେ ମଧ୍ୟ ଗୋଟିଏ ବ୍ୟବହାର ଉପଯୋଗୀ ହେଉନି। ବ୍ୟବହାର ଯୁକ୍ତ ପାଣି ବା ପିଇବା ପାଇଁ ପାଣି ଆଣିବାକୁ ହେଲେ ଜଙ୍ଗଲ ତଥା ପାହାଡ ନିକଟରେ ଏକ କୂପରୁ ପାଣି ଆଣିବାକୁ ପଡୁଛି ବୋଲି କହିଛନ୍ତି ମହିଳା। ବିଶେଷ କରି ରାତିରେ ପାଣି ଆଣିବା କଷ୍ଟକର ଓ ବିପଦପୂର୍ଣ୍ଣ ହେଉଛି। ଏହି କୂପର ପାଣି ବ୍ୟବହାର କରି ଗ୍ରାମବାସୀ ବେଳେ ବେଳେ ବିଭିନ୍ନ ସମୟରେ ବିଭିନ୍ନ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ କହିଛନ୍ତି। ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ତାହା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ବନାଗ୍ନି ନିରାକରଣ ପାଇଁ ସଚେତନତା



**ଫିରିଙ୍ଗିଆ, ୨୭।୨(ସମିସ):** ଫୁଲବାଣୀ ଡିଏଫ୍ଓ ପ୍ରଶାନ୍ତ କୁମାର ପଟେଲଙ୍କ ନିର୍ଦ୍ଦେଶ କ୍ରମେ ଫିରିଙ୍ଗିଆ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ପାତ୍ରଙ୍କ ନେତୃତ୍ୱରେ ଫୁଲବାଣୀ ସହକାରୀ ବନ ସଂରକ୍ଷକ ମଳୟ ରଞ୍ଜନ କାଲୋ, କେନ୍ଦୁପତ୍ର ବନାଞ୍ଚଳ ଅଧିକାରିଣୀ ଚନ୍ଦ୍ରମା ପଟ୍ଟନାୟକ, ଫିରିଙ୍ଗିଆ ସମିତିସଭ୍ୟା ମୌସୁମୀ ପ୍ରଧାନ, ସରପଞ୍ଚ ଜଳନ୍ଧର କହଁର, ବନପାଳ ପ୍ରବୀଣ କୁମାର ଦାସ, ବ୍ରଜ ସୁନ୍ଦର ଦାସ, ଦିଲୀପ ବିଷୋୟୀ, ସନ୍ତୋଷ ସାହୁ, ବନରକ୍ଷୀ ସୁଜିତ କୁମାର ପ୍ରଧାନ, ବିଭୁ ପ୍ରସାଦ ପ୍ରଧାନ, ମନୋଜ କୁମାର ସାହୁ, ଅମୂଲ୍ୟ ପ୍ରଧାନ ତଥା ସମସ୍ତ ବନ କର୍ମଚାରୀଙ୍କ ଉପସ୍ଥିତିରେ ଫିରିଙ୍ଗିଆ ବନାଞ୍ଚଳ କାର୍ଯ୍ୟାଳୟଠାରେ ବନଗ୍ନୀ ନିରାକରଣ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଫିରିଙ୍ଗିଆ ନର୍ସରୀ ଠାରୁ ବଜାର ପଡ଼ିଆ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା। ବିଭିନ୍ନ ସ୍ଲୋଗାନ ଦେଇ ଜଙ୍ଗଲ ରକ୍ଷା ନିମନ୍ତେ ସଚେତନ କରାଯିବା ପରେ, ପଥପ୍ରାନ୍ତ ନାଟକ ମାଧ୍ୟମରେ ଜଙ୍ଗଲରେ ନିଆଁ ନ ଲଗାଇବା, ମହୁଲ ଗଛ ମୂଳେ ନିଆଁ ନ ଲଗାଇ ସଠିକ ଉପାୟରେ ମହୁଲ ସଂଗ୍ରହ କରିବା, ପୋଡୁଚାଷ ପାଇଁ ନିଆଁ ନ ଲଗାଇବା, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଆଦି ପ୍ରସଙ୍ଗ ଉପରେ ପାରମ୍ପରିକ ନୃତ୍ୟ ତଥା ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରାଯାଇଥିଲା। ଯୁବ ନାଟ୍ୟକାର ପ୍ରମୋଦ କୁମାର ଦଣ୍ଡସେନାଙ୍କ ଦ୍ୱାରା ରଚିତ ଏହି ପଥପ୍ରାନ୍ତ ନାଟକରେ କନ୍ଧମାଳ କଳା ବିକାଶ କେନ୍ଦ୍ରର କଳାକାର ଅଭିନୟ କରିଥିଲେ। ନାଟ୍ୟକାର ନିଜ ଲେଖାରେ ପୋଡୁଚାଷ ଓ ମହୁଲ ଫୁଲ ସଂଗ୍ରହ ଦ୍ୱାରା ହେଉଥିବା ଜଙ୍ଗଲ ନଷ୍ଟ କାହାଣୀକୁ ଖୁବ ସୁନ୍ଦର ଭାବେ ଉପସ୍ଥାପନା କରିଥିବା ବେଳେ ନୂତନ ଚାରାରୋପଣ ଓ ବନ ନବୀକରଣ ପାଇଁ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଓ ବହୁ ଜନସାଧାରଣ ଗ୍ରାମ୍ୟ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ଶପଥ ପାଠ କରିଥିଲେ।

# ରାଜସ୍ଥାନରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ମୃତଦେହ ଆଣିବା ପାଇଁ ପରିବାର ଲୋକଙ୍କ ନିବେଦନ**

**ଫିରିଙ୍ଗିଆ, ୨୭।୨(ସମିସ):** କନ୍ଧମାଳ ଶ୍ରମିକଙ୍କ ଦୁଃଖ ଅସରନ୍ତି। ପ୍ରତି କିଛି ଦିନ ଅନ୍ତରରେ କାମଧନ୍ଦା ପାଇଁ ବାହାରକୁ ଯାଇଥିବା ଶ୍ରମିକଙ୍କ ମୃତ୍ୟୁ ଖବର ଆସୁଛି। ଫିରିଙ୍ଗିଆ ଅଞ୍ଚଳରୁ କାମଧନ୍ଦା ଅନ୍ୱେଷଣରେ ରାଜସ୍ଥାନ ଯାଇଥିବା ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ମୃତଦେହ ଘରକୁ ଆଣିବା ପାଇଁ ଏବେ ଚିନ୍ତାରେ ପଡ଼ିଛନ୍ତି ପରିବାର ଲୋକେ। ସୂଚନା ଅନୁଯାୟୀ, ନୂଆପଦର ପଞ୍ଚାୟତ ଲତପଙ୍ଗିଆ ଗ୍ରାମର ଗୌତମ ଦିଗାଲ କାମ କରିବା ପାଇଁ ତିନି ମାସ ପୂର୍ବେ ରାଜସ୍ଥାନ ଯାଇଥିଲେ। ସେଠାରେ ଏକ ବେସରକାରୀ କମ୍ପାନୀରେ ସେ କାମ କରୁଥିଲେ। ଗତ ୨୪ ତାରିଖ ଦିନ ସେ ହୃଦଘାତର ଆକ୍ରାନ୍ତ ହୋଇଥିଲେ। ହନୁମାନଗଡ଼ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ହନୁମାନଗଡ଼ ପୁଲିସ ପରିବାରକୁ ସୂଚନା ଦେଇ ମୃତଦେହକୁ ନେବା ପାଇଁ କହିଛି। ତେବେ ମୃତଦେହକୁ ଫୁଲବାଣୀ ଆଣିବା ପାଇଁ ପରିବାର ପାଖରେ ସମ୍ବଳ କି ସୁବିଧା ନାହିଁ। ମଙ୍ଗଳବାର ମୃତକଙ୍କ ମା କାକଡି ଦିଗାଲ ଓ ଗ୍ରାମବାସୀ ଫିରିଙ୍ଗିଆ ଥାନା ଅଧିକାରୀଙ୍କୁ ଭେଟି ପୁଅର ମୃତଦେହ ଫେରାଇ ଆଣିବା ପାଇଁ ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଚେଷ୍ଟା କରାଯିବ ବୋଲି ଥାନା ଅଧିକାରୀ ଗୋପୀନାଥ ପ୍ରଧାନ କହିଛନ୍ତି।

# ଫିରିଙ୍ଗିଆରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଫିରିଙ୍ଗିଆ, ୨୭।୨(ସମିସ):** କନ୍ଧମାଳ ଜିଲ୍ଲା ପ୍ରଶାସନ ତରଫରୁ ଫିରିଙ୍ଗିଆ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା।। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ର, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ରଣଜିତ, ଫୁଲବାଣୀ ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଫୁଲବାଣୀ ପ୍ରବୀଣ କୁମାର ବଣୁଆ ଯୋଗଦାନ କରି ଶୁଣାଣି କରିଥିଲେ। ମୋଟ ୮୮ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୫୭ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୩୧ ସାମୂହିକ ଅଭିଯୋଗ ଥିଲା। ଏହି ଅଭିଯୋଗ ଶିବିରରେ ଫିରିଙ୍ଗିଆ ବିଡ଼ିଓ, ଫିରିଙ୍ଗିଆ ତହସିଲଦାରଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଜିଲ୍ଲାପାଳ ଅଭିଯୋଗ ପାଇଲା ପରେ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ଗାଡ଼ି ଧକ୍କାରେ ୨ ବାଇକ୍ ଅରୋହୀ ଗୁରୁତର

**ଗୁମ୍ମା, ୨୭ ।୨(ସମିସ):** ଗଜପତି ଜିଲ୍ଲା ସେରଙ୍ଗ ଥାନା ଅନ୍ତର୍ଗତ ତାରାତାରିଣୀ ମନ୍ଦିର ନିକଟସ୍ଥ ବୁଲାଣି ଘାଟି ରାସ୍ତାରେ ବାଇକରେ ଯାଉଥିବା ଦୁଇଜଣଙ୍କୁ କୌଣସି ଅଜଣା ଗାଡି ଧକ୍କା ଦେବାରୁ ସେମାନେ ଗୁରୁତର ଆହତ ହୋଇଥିଲେ। ଗୁରୁତର ଦୁଇଜଣ ହେଲେ ଅମୂଲ୍ୟ ରଥ(୪୫) ଓ ବିସପାସ ରାଉତ (୩୯)। ସେମାନେ ପାରଳାଖେମୁଣ୍ଡି ସହରର ଏବଂ ବାଇକରେ ଗୁମ୍ମା ପଟୁ ସେରଙ୍ଗ ଯାଉଥିବା ବେଳେ ତାରାତାରିଣୀ ଘାଟି ରାସ୍ତାରେ କୌଣସି ଗାଡି ଧକ୍କା ଦେଇଥିବା ଅନୁମାନ କରାଯାଉଛି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପରେ ଡାକ୍ତର ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟ ନେବାକୁ ପରାମର୍ଶ ଦେଇଥିଲେ। ସେରଙ୍ଗ ପୁଲିସ ଏସମ୍ପର୍କରେ ତଦନ୍ତ କରୁଛି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶୌଚାଳୟରେ ତାଲା

**ଦାରିଙ୍ଗବାଡି, ୨୭।୨(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆମ ହସ୍ପିଟାଲ ଯୋଜନାରେ ନିଆଯାଇଛି। ହେଲେ ଉଦଘାଟନ ହେବା ପର ଠାରୁ ଶୌଚାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଉଦଘାଟନ ଦିନ ହିଁ ଶୌଚାଳୟ ଖୋଲା ରହିଥିଲା। ଶୌଚାଳୟ ବନ୍ଦ ରହୁଥିବା ଫଳରେ ରୋଗୀ ତଥା ରୋଗୀଙ୍କ ସମ୍ପର୍କୀୟ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଯଥା ଶୀଘ୍ର ଶୌଚାଳୟ ଖୋଲିବା ପାଇଁ ଦାବି ହେଉଛି।




# ଲୁଟିବା ପାଇଁ ସାଇବର ଠକଙ୍କ ଅଭିନବ ଉଦ୍ୟମ

**ଜି.ଉଦୟଗିରି,୨୭ ।୨(ସମିସ):** ସାଧାରଣତଃ ବ୍ୟବସାୟ ବୃଦ୍ଧି କରିବା ପାଇଁ ୱେବସାଇଟରେ ବ୍ୟବସାୟ ପ୍ରତିଷ୍ଠାନର ନାମ, ଠିକଣା, ଫୋନ ନମ୍ବର ଆଦି ଦିଆ ଯାଇଥାଏ। ଯାହା ଦ୍ୱାରା ଜଣେ ବ୍ୟକ୍ତି ଯେ କୌଣସି ସ୍ଥାନରୁ ଏହି ପ୍ରତିଷ୍ଠାନର ଅବସ୍ଥିତି ଜାଣିପାରିବା ସହିତ ଆବଶ୍ୟକ ଜିନିଷ କିଣିପାରିବ। ଏହା ସହିତ ଅନଲାଇନ ଅର୍ଡର ଦେଇପାରିବ। କିନ୍ତୁ ଏହା ବେଳେ ବେଳେ ବ୍ୟବସାୟୀଙ୍କ ଅଡୁଆରେ ପକାଇବା ସହିତ ଠକାମୀରେ ସାଇବର ଠକ ପକାଇ ପାରନ୍ତି। ଅଞ୍ଚଳରେ ଏମିତି କିଛି ଫେକ କଲ ଆସିବା ସହିତ ବ୍ୟବସାୟୀଙ୍କୁ ଠକିବା ପାଇଁ ଉଦ୍ୟମ କରାଯାଉଛି। ଟିକିଏ ସତର୍କ ନହେଲେ ବ୍ୟବସାୟୀ ଠକାମୀରେ ପଡ଼ିବା ସମ୍ଭାବନା ରହିଛି।



ଜି.ଉଦୟଗିରିର ଜଣେ ବ୍ୟବସାୟୀଙ୍କ ପାଖକୁ ସେନା କାର୍ଯ୍ୟାଳୟରୁ କହୁଛି କହି ଫୋନ ଆସିଥିଲା। ଜି.ଉଦୟଗିରିରେ ଶିବିର ଚାଲିଛି। କିଛି ଜିନିଷ ଦରକାର ଥିଲା। ଆପଣଙ୍କ ହ୍ୱାଟସଅପ ନମ୍ବରରେ ଜିନିଷର ତାଲିକା ପଠାଇଛି। ଜିନିଷପତ୍ର ପ୍ୟାକ କରିଦିଅନ୍ତୁ। ଆମର ଲୋକ ଆସିକି ନେବେ। ବିଲ କରି ପଠାନ୍ତୁ ବୋଲି ଫୋନରେ ସମ୍ପୃକ୍ତ ବ୍ୟକ୍ତି ଜଣକ କହିଥିଲେ। ବ୍ୟବସାୟୀ ପ୍ରଥମେ ସେନା ଅଫିସରକୁ ସମ୍ମାନ ଜଣାଇ ଜନିଷ ପ୍ରସ୍ତୁତ କରିବା ସହିତ ୫୦୯୦ଟଙ୍କାର ବିଲ ହ୍ୱାଟସଅପରେ ପଠାଇଥିଲେ। ବିଲ ପାଇଲା ପରେ ଅଫିସର ଜଣକ ବ୍ୟବସାୟୀଙ୍କୁ ଅନଲାଇନରେ ରୁହନ୍ତୁ। ଅନଲାଇନରେ ଟଙ୍କା ପଠାଉଛି କହିଥିଲେ। କଥାବାର୍ତ୍ତା ହେବା ମଧ୍ୟରେ ଅଫିସର ଜଣକ ଏକ ଟଙ୍କା ଗଲାକି ବୋଲି ପଚାରିଥିଲେ। ବ୍ୟବସାୟୀ ଜଣକ ଏଥିରେ ସମ୍ମତି ପ୍ରକାଶ କରିଥିଲେ। ଏହା ପରେ ସେ ୫୦୯୦ ଟଙ୍କା ପରିବର୍ତ୍ତେ ପନ୍ଦର ହଜାର ନବେ ଟଙ୍କା ଭୂଲରେ ପଠାଇ ଦେଇଛି ବୋଲି କହିଥିଲେ। ଅଧିକ ଯାଇଥିବା ୧୦ ହଜାର ଏହି ନମ୍ବରରେ ଫୋନ ପେ ନମ୍ବରରେ ପଠାଇ ଦିଅନ୍ତୁ ବୋଲି ମଧ୍ୟ କହିଥିଲେ। ଏଥିନେଇ ବ୍ୟବସାୟୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ବ୍ୟବସାୟୀ ଜଣକ କହିଥିଲେ ଯଦି ଆପଙ୍କ ଭୂଲରେ ଅଧିକ ଟଙ୍କା ଆସିଯାଇଛି ତାହାହେଲେ ଆପଙ୍କ ଲୋକ ଆସି ଜିନିଷ ନେବା ବେଳେ ୧୦ ହଜାର ପ୍ରଦାନ କରିବି କିନ୍ତୁ ଅନଲାଇନରେ ପ୍ରଦାନ କରିପାରିବି ନାହିଁ ବୋଲି କହିଥିଲେ। ଆର୍ମି ଅଫିସରଙ୍କ କେହି ଲୋକ ଆସିଲେନି କି ଜିନିଷ ନେଲେନି। ପ୍ରକୃତରେ ସେନା ଅଫିସର ନାମରେ ସାଇବର ଠକ ଜଣକ ଠକେଇ ପାଇଁ ଏଭଳି ଉଦ୍ୟମ କରିଥିବା ଜଣାପଡ଼ିଥିଲା। ବ୍ୟବସାୟୀ ଜଣକ ଯଦି ସଚେତନ ହୋଇ କାର୍ଯ୍ୟ କରି ନଥାଆନ୍ତେ ତାହାହେଲେ ଠକେଇର ସମ୍ମୁଖୀନ ହୋଇଥାଅନ୍ତେ ବୋଲି କୁହାଯାଇଛି।

# ସୁଧ ଟଙ୍କା ଫେରିପାଇଲେ ସ୍ୱୟଂସହାୟକ ଗୋଷ୍ଠୀ

**କାଶୀନଗର, ୨୭।୨(ସମିସ):** ଗଜପତି ଜିଲ୍ଲା କାଶୀନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ମିଶନ ଶକ୍ତି ପକ୍ଷରୁ ଏସ୍ଏଚ୍ଜି ସୁଧ ଫେରସ୍ତ ମେଳା ଅନୁଷ୍ଠିତ ହୋଇଥିଲା। ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦଘାଟନ କରିଥିଲେ। ଏ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସମିତି ଅଧ୍ୟକ୍ଷା ବି.ସାୟାମ୍ମା ସଭାପତିତ୍ୱ କରିଥିବା ବେଳେ ଉପାଧ୍ୟକ୍ଷା ଏସ.କଲ୍ୟାଣୀ, ବିଡିଓ ଶରତ ପାତ୍ର, ଏନଏସି ନିର୍ବାହୀ ଅଧିକାରୀ ଭଗବତ ସାହୁ, ଏନ୍ଏସି ଉପାଧ୍ୟକ୍ଷ ରଘୁରାମ ସାହୁ, ଜିଲ୍ଲା ପରିଷଦ ଜୋନ୍-୧ ସଦସ୍ୟା ଆର.ରାଜ୍ୟଲକ୍ଷ୍ମୀ, ସିଡିପିଓ କନକଲତା ପୂଜାରୀ ପ୍ରମୁଖ ମଞ୍ଚାସୀନ ହୋଇ ସଶକ୍ତ ମହିଳା ସଶକ୍ତ ଓଡ଼ିଶା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ୨୦ଟି ଏସଏଚଜି ଗ୍ରୁପକୁ ସେମାନଙ୍କ ବ୍ୟାଙ୍କ ଲୋନ୍ ଆଧାରରେ ମୋଟ ଦଶ ଲକ୍ଷ ସତର ହଜାର ଟଙ୍କାର ସୁଧ ଫେରସ୍ତ ସମ୍ପର୍କିତ ଡମି ଚେକ୍ ପ୍ରଦାନ କରାଯାଇଥିଲା। ପ୍ରାପ୍ତ ସୂଚନା ଅନୁଯାୟୀ କାଶୀନଗର ଏନଏସି ସମେତ ସିଧାମାଡଙ୍ଗ, ରାଣୀପେଣ୍ଠ, ଶିଆଳି, ହାଡୁଭାଙ୍ଗି ପଞ୍ଚାୟତରେ ସଫଳତାର ସହ କାର୍ଯ୍ୟରତ ଏସଏଚଜିଗୁଡ଼ିକ ସୁଧ ଫେରସ୍ତ ଯୋଜନାରୁ ସର୍ବାଧିକ ଉପକୃତ ହୋଇଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପ୍ରଥମ ପର୍ଯ୍ୟାୟରେ ଉପରୋକ୍ତ ପରିମାଣର ସୁଧ ଫେରସ୍ତ କରାଯାଇଛି। ୟୁନିଫର୍ମ ଓ ବ୍ଲେଜର ସକାଶେ ବିଏସ୍ଏଚ୍ଜି କର୍ମକର୍ତ୍ତା ଓ ସଦସ୍ୟାଙ୍କୁ ଆର୍ଥିକ




ସହାୟତା ମିଳିବ ବୋଲି ମିଶନ ଶକ୍ତି କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ଉକ୍ତ କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିପିଏମ୍ ଶ୍ରୀକାନ୍ତ ପଟ୍ଟନାୟକ, ବିଏଲସି ଜଗନ ବାରିକ, ସମସ୍ତ ଏମବିକେ, କର୍ମଚାରୀ, ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ବହୁ ଏସଏଚଜି ମା ଉପସ୍ଥିତି ଥିଲେ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇଥିଲେ।

**ଗୁମ୍ମା:** ରାଜ୍ୟ ସରକାର ମିଶନ ଶକ୍ତି କ୍ଷେତ୍ରରେ ଉନ୍ନତି ଆଣିବା ଦିଗରେ ଅନେକ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ପାଦେ ଆଗରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିନା ସୁଧରେ ମିଳିବ ୧୦ ଲକ୍ଷ ଟଙ୍କା ଯାଏଁ ଋଣ। ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ପରିସରରେ ମିଶନ ଶକ୍ତି ଋଣମେଳା ଅନୁଷ୍ଠିତ ହୋଇଥିଲା। ବ୍ଲକସ୍ତରୀୟ



ଏହି ଋଣମେଳାରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ଯସ୍ମୀନ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ଉପାଧ୍ୟକ୍ଷ ଶ୍ରୀନିବାସ ରାଓ, ସିଡିପିଓ ପୁଷ୍ପାଞ୍ଜଳି ପଣ୍ଡା, ବିପିଏମ ମନ୍ମଥ ପାତ୍ର, ଏଇଇ ବିଭୁ ଚରଣ ପୂଜାରୀ, ମିଶନଶକ୍ତି ବିପିସି ରଶ୍ମିତା କୁମାରୀ ପଟ୍ଟନାୟକ ଓ ରାଜଲକ୍ଷ୍ମୀ ରାଇକା ଉପସ୍ଥିତ ଥିଲେ। ଏହି ମେଳାର ମୂଳ ଲକ୍ଷ୍ୟ ହେଉଛି ଋଣ ପରିଶୋଧ କରିଥିଲେ ସେହି ମହିଳା ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ଅର୍ଥରାଶି ପ୍ରଦାନ। ସେହିପରି ମିଶନ ଶକ୍ତି ମହିଳା ଗୋଷ୍ଠୀ ଦଳକୁ ବିନା ସୁଧ ହାରରେ ୧୦ ଲକ୍ଷ ଟଙ୍କା ଯାଏଁ ଋଣ ପ୍ରଦାନ କରିବା ସହ ୟୁନିଫର୍ମ ଓ ବ୍ଲେଜର ପ୍ରଦାନ କରାଯିବ ବୋଲି ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମକୁ ଓଏଲଏମ ବିପିଏମ ସୁରେଶ ରାଉତ, ଉପେନ୍ଦ୍ର ମାଝି, ରାଜଲକ୍ଷ୍ମୀ ରାଇକା ଓ ମନ୍ମଥ ପାତ୍ର ପରିଚାଳନା କରିଥିଲେ।

**ଦାରିଙ୍ଗବାଡି:** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ପଞ୍ଚାୟତ ପରିସରରେ ମିଶନଶକ୍ତିର ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ବିଡ଼ିଓ ଗଦାଧର ପାତ୍ର ଯୋଗ ଦେଇଥିଲେ। ଅତିଥି ଭାବେ ଦାରିଙ୍ଗବାଡି ଷ୍ଟେଟବ୍ୟାଙ୍କ ଶାଖା



ପରିଚାଳକ ବ୍ରଜକିଶୋର ପାଢ଼ୀ, ବିଏଲ୍ଏଫ୍ ସଭାନେତ୍ରୀ ରଶ୍ମିଦେବୀ ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୧୦ ମହିଳା ଗ୍ରୁପକୁ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ଋଣ ପ୍ରଦାନ କରାଯାଇଥିବା ବେଳେ ବ୍ୟାଙ୍କ ମିତ୍ରଙ୍କୁ ଲ୍ୟାପଟପ୍ ବଣ୍ଟନ କରାଯାଇଥିଲା। ଏଥି ସହିତ ସଠିକ୍ ସମୟରେ ଋଣ ପରିଶୋଧ କରିଥିବା ଗ୍ରୁପ ମହିଳାଙ୍କ ସୁଧ ଫେରସ୍ତ କରାଯାଇଥିଲା। ୟୁନିଫର୍ମ ସହାୟତା ପାଇଁ ସହାୟତା ପ୍ରଦାନ କରାଯାଇଥିଲା। ଓଏଲ୍ଏମ ବିପିଏମ ପିଣ୍ଟୁ ନାୟକ ଓ ମିଶନ ଶକ୍ତି ବିପିସି ସୋରଜ ଦିଗାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସିଆରପି, ଏମବିକେ, ବ୍ୟାଙ୍କ ମିତ୍ର ସମେତ ମହିଳା ଉପସ୍ଥିତ ଥିଲେ।

**ରାୟଗଡ଼:** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦର ମହକୁମା ସ୍ଥିତ ଏସଏସଡି ହାଇସ୍କୁଲ ପଡ଼ିଆରେ ବିନା ସୁଧରେ ମହିଳାଙ୍କୁ ଋଣ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଡିପିଓ ତେରେସ୍କୋଭା ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡିଓ ସୁଧୀର କୁମାର ସିଂ, ଜିଲ୍ଲା ପରିଷଦ ସଭ୍ୟା ଗୌତମୀ ଜାନି, ସହକାରୀ ନିର୍ବାହୀଯନ୍ତ୍ରୀ ସସ୍ମିତା କୁମାରୀ ଜେନାଙ୍କ ସମେତ ସମସ୍ତ ପଞ୍ଚାୟତ ପ୍ରତିନିଧି



ମଞ୍ଚାସୀନ ଥିଲେ। ଏହି ଅବସରରେ ରାୟଗଡ଼ ବ୍ଲକର ପ୍ରାୟ ୪୩୯ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୧ ଲକ୍ଷ ୯୪ ହଜାର ୯୧୩ ଟଙ୍କାର ସୁଧ ଋଣ ଫେରସ୍ତ କରାଯାଇଥିବା ଜଣାପଡ଼ିଛି। ଏହାକୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଛନ୍ତି। ଏହାସହ ପ୍ରତି ଇସି ମେମ୍ବରକୁ ବ୍ଲେଜର ପାଇଁ ଦୁଇ ହଜାର ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏକ ହଜାର, କମ୍ୟୁନିଟି ସପୋର୍ଟ ଷ୍ଟାପ ଓ ଇସି ସଭ୍ୟକୁ ମିଶନ ଶକ୍ତି ସ୍କୁଟର୍ ଯୋଜନା ମାଧ୍ୟମରେ ସ୍କୁଟର୍ ବଣ୍ଟନ କରାଯାଇଥିଲା। ଜିରାଙ୍ଗ, କଇଁପୁର, ଅମଡା ଓ ସାନତୁଣ୍ଡି ପଞ୍ଚାୟତରେ ପ୍ରଥମ ଜିପିଏଲଏଫ୍ କୋଠା ପାଇଁ ୩୦ ଲକ୍ଷ ଟଙ୍କା ଓ ତିନି ଜଣ ବ୍ୟାଙ୍କମିତ୍ରକୁ ଲ୍ୟାପଟେପ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରାଯାଇଥିଲା। ଏଥିରେ ପ୍ରାୟ ସାତଶହ ମହିଳା ଉପସ୍ଥିତ ଥିଲେ।ଉକ୍ତ କାର୍ଯ୍ୟକ୍ରମକୁ ବିପିସି ଅମ୍ରିତ ପରିଚ୍ଛା ପରିଚାଳନା କରିଥିବ-୨୧୪। ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

**ଫିରିଙ୍ଗିଆ:** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପଞ୍ଚାୟତ ସମିତି ଅନ୍ତର୍ଗତ ମିଶନ ଶକ୍ତି କାର୍ଯ୍ୟାଳୟ ତରଫରୁ ମିଶନଶକ୍ତି ସୁଧ ଫେରସ୍ତ ମେଳା ମିନି ଷ୍ଟାଡିୟମରେ



ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ସମ୍ମାନିତ ଅତିଥି ଭାବେ ଫୁଲବାଣୀ ଜିଲ୍ଲା ପରିଷଦ ସଭ୍ୟ ନିଳଗିରିଶ ଦିଗାଲ, ଫିରିଙ୍ଗିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ନମିତା କହଁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ହରପ୍ରିୟା ମେହେର, ସାଂସଦ ପ୍ରତିନିଧି ବିଷ୍ଣୁ ଚରଣ ମଲ୍ଲିକ, ଷ୍ଟେଟବ୍ୟାଙ୍କ ଓ ୟୁକୋ ବ୍ୟାଙ୍କର ଫିଲ୍ଡ ଅଫିସର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଜୀବିକା ମିଶନ ଗୋଷ୍ଠୀ ପ୍ରକଳ୍ପ ପରିଚାଳକ ସଂଗ୍ରାମ କେଶରୀ ସାହୁ, ଶିଶୁ ବିକାଶ ପ୍ରକଳ୍ପ ସୁପରଭାଇଜର ରତିକାନ୍ତ ସାହୁ, ରବୀନା ନାୟକ ଓ ଦ୍ୱିତୀକୃଷ୍ଣ କହର ଏବଂ ରୁରାଲ ହାଉସିଂ ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ ଭବାନୀ ପ୍ରସାଦ ଦେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ ବାଦଲ କୁମାର ନାୟକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ୧୦୦୦ ଜଣ ସଭ୍ୟା ଉପସ୍ଥିତ ଥିଲେ। ମିଶନ ଶକ୍ତି ଫିରିଙ୍ଗିଆର ୫୪୪ ସ୍ୱୟଂ ସହାୟକ ଗୋଷ୍ଠୀର ଜମା ଖାତାକୁ ୨୫ ଲକ୍ଷ ୩୮ ହଜାର ୫୬୧ ଟଙ୍କା ସୁଧ ଫେରସ୍ତ କରାଯାଇଥିଲା। ମା ଭୋରସା ଏସଏଚଜିକୁ ୧୩୮୭୨ଟଙ୍କା ସୁଧ ଫେରସ୍ତ ଦିଆଯାଇଥିଲା। ଚାରି ଜଣ ବ୍ୟାଙ୍କ ମିତ୍ରଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଲ୍ୟାପଟପ କ୍ରୟ ପାଇଁ ସହାୟତା ରାଶି ଦିଆଯାଇଥିଲା। ୬ଟି ଗ୍ରୁପକୁ ପାଞ୍ଚ ଲକ୍ଷ ଟଙ୍କା ଲେଖାଏଁ ମିଶନ ଶକ୍ତି ଋଣ ପ୍ରଦାନ କରାଯାଇଥିଲା।

